Vol-1 | Issue-2
8 to 15 JULY 2026 | Weekly
BHUBANESWAR | Pages-8 | Price- 5.00
ବର୍ଷ-୧ | ସଂଖ୍ୟା-୨
୮ରୁ ୧୫ ଜୁଲାଇ ୨୦୨୬ | ସାପ୍ତାହିକ
ଭୁବନେଶ୍ୱର | ପୃଷ୍ଠା-୮ | ମୂଲ୍ୟ-୫.୦୦

# ଓଡ଼ିଶା ନିଶବ୍ଦ

ସାପ୍ତାହିକ ଖବର କାଗଜ

ORORI/26/A4490

THE ODISHA NISHABDA

www.odishanishabda.com
Odisha Nisabda
Odisha Nisabda
odishanishabda
odishanishabda

## ଇଣ୍ଡୋନେସିଆ ସଂସଦରେ ବିଜୁବାବୁଙ୍କ ପ୍ରଂଶଂସା କଲେ ମୋଦି

ଇଣ୍ଡୋନେସିଆ ସଂସଦରେ ଓଡ଼ିଶା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ କଥା କହିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜାକାର୍ତ୍ତାରେ ଥିବା ଇଣ୍ଡୋନେସିଆ ସଂସଦଙ୍କୁ ସମ୍ବୋଧନ କରିବା ବେଳେ ବିଜୁ ବାବୁଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି।

ଭାରତ-ଇଣ୍ଡୋନେସିଆ ସୁସମ୍ପର୍କର ପ୍ରମୁଖ ବିନ୍ଧାଣୀ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବୋଲି ମୋଦି କହିବାକୁ ପଛାଇ ନାହାନ୍ତି। ସେହିପରି ବିଜୁ ପଟ୍ଟନାୟକ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ମଧ୍ୟ ମୋଦି କହିଛନ୍ତି।



ତାଙ୍କ କହିବା କଥା ଯେ ଭାରତ ଓ ଇଣ୍ଡୋନେସିଆ ବର୍ତ୍ତମାନ "ସୁବର୍ଣ୍ଣ ଯୁଗ"ରେ ପ୍ରବେଶ କରୁଛନ୍ତି। କିନ୍ତୁ ଏହି ଘନିଷ୍ଠ ଭାରତ-ଇଣ୍ଡୋନେସିଆ ସମ୍ପର୍କର ପ୍ରକୃତ ବିନ୍ଧାଣୀ ହେଉଛନ୍ତି ବିଜୁ ପଟ୍ଟନାୟକ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ବିଜୁ ପଟ୍ଟନାୟକ ଜଣେ ପ୍ରଖ୍ୟାତ ପାଇଲଟ୍ ଥିଲେ। ୧୯୪୭ ମସିହାରେ ଡଚ୍ ସେନା ଜାଭା ଉପରେ ଆକ୍ରମଣ କରିଥିଲା। ଏହି ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଇଣ୍ଡୋନେସିଆର ପ୍ରମୁଖ ନେତୃବୃନ୍ଦଙ୍କୁ ଉଦ୍ଧାର କରିବା ଦାୟିତ୍ୱ ବିଜୁ ପଟ୍ଟନାୟକଙ୍କୁ ଦେଇଥିଲେ।

ବିଜୁ ବାବୁ ମଧ୍ୟ ନିଜର ଅସାଧାରଣ ସାହସ ଦେଖାଇ ଯୁଦ୍ଧକ୍ଷେତ୍ରରେ ବିମାନ ଧରି ପହଞ୍ଚି ଯାଇଥିଲେ। ଆଉ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସ୍ୟାହରିର ଓ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଭାରତ ନେଇ ଆସିଥିଲେ।

ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ବିଜୁ (ପୃଷ୍ଠା-୩ ଦେଖନ୍ତୁ)

### ପୂରଣ ହେଲା ରାଜ୍ୟବାସୀଙ୍କ ସ୍ୱପ୍ନ

# ପୁରୀରୁ କୋରାପୁଟ ଗଡ଼ିଲା ଟ୍ରେନ୍

**ଭୁବନେଶ୍ୱର:** ଶ୍ରୀକ୍ଷେତ୍ର ସହ ଯୋଡ଼ି ହୋଇଛି ଶାବର ଶ୍ରୀକ୍ଷେତ୍ର। ପୂର୍ବରୁ ଶାବର ଶ୍ରୀକ୍ଷେତ୍ର ବା କୋରାପୁଟକୁ ଭୁବନେଶ୍ୱରରୁ ଗୋଟିଏ ଟ୍ରେନ୍ ଚଳାଚଳ କରୁଥିଲା। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ପୁରୀରୁ କୋରାପୁଟ ଗଡ଼ିଛି ନୂଆ ଟ୍ରେନ୍। ସୋମବାର ପୁରୀ ରେଳ ଷ୍ଟେସନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସବୁଜ ପତାକା ଦେଖାଇ ଏହି ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ସୂଚନା ଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ରେଳ ବିଭାଗ ଉପକୂଳ ଓଡ଼ିଶାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ଯୋଡ଼ିବ। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାକୁ ଟ୍ରେନ୍ ଚଳାଚଳ କରିବ। ଓଡ଼ିଶାର ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୯୭ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପୁରୀ ବିଶ୍ୱସ୍ତରୀୟ ରେଳ ଷ୍ଟେସନରେ ପରିଣତ ହୋଇଛି। ଓଡ଼ିଶାରେ ଅଧିକ ରେଳ ଲାଇନ୍ କରାଯାଉଛି। ଏହା ଫଳରେ ଓଡ଼ିଶାର ରେଳ ମ୍ୟାପ୍ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହେବ। ଉପକୂଳ ଓଡ଼ିଶାକୁ





**ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀ, ଶ୍ରୀକ୍ଷେତ୍ର ସହ ଯୋଡ଼ି ହେଲା ଶାବର ଶ୍ରୀକ୍ଷେତ୍ର**
**ରେଳମନ୍ତ୍ରୀଙ୍କ ଘୋଷଣା: ଉତ୍ତର ଓଡ଼ିଶା ପାଇଁ ଖୁବଶୀଘ୍ର ଏକ ନୂଆ ଟ୍ରେନ୍**

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସହ ଯୋଡ଼ିବା ପାଇଁ ବହୁ ଦିନରୁ ଜନସାଧାରଣଙ୍କ ଦାବି ରହିଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ଚିଠି ଦ୍ୱାରା ଅନୁରୋଧ କରିଥିଲେ। ଆଜି ଶୁଭାରମ୍ଭ ହୋଇଥିବା ଏହି ଟ୍ରେନ୍ ଓଡ଼ିଶାର ଅନେକ ଜିଲ୍ଲାକୁ ପୁରୀ ସହ ଯୋଡ଼ିବ। ଦୁଇ ବର୍ଷ ତଳେ ଆମେ ଓଡ଼ିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ୫ ବର୍ଷରେ ଏକ ଲକ୍ଷ କୋଟି ଟଙ୍କା ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିନିଯୋଗ କରିବୁ ବୋଲି। ଦୁଇ ବର୍ଷରେ ୯୭ ହଜାର କୋଟି ଟଙ୍କାରେ ପହଞ୍ଚିଲାଣି। ଜାତୀୟ ରାଜପଥ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳଜୀଙ୍କ ସ୍ୱର୍ଣ୍ଣ ଚତୁର୍ଭୂଜ ଯୋଜନା ପରି ରେଳବାଇ କ୍ଷେତ୍ରରେ ସମଗ୍ର ଦେଶକୁ ଯୋଡ଼ିବା ପାଇଁ ମୋଦୀଜୀ ସ୍ୱର୍ଣ୍ଣ ଚତୁର୍ଭୂଜ ଯୋଜନାର ଲକ୍ଷ୍ୟ ରଖିଛନ୍ତି। ଖୁବଶୀଘ୍ର କେନ୍ଦ୍ର ରେଳମନ୍ତ୍ରୀ ପୁରୀ-କୋରାପୁଟ ଟ୍ରେନ୍ ପରି ଉତ୍ତର ଓଡ଼ିଶା ପାଇଁ ଏକ ଟ୍ରେନ୍ ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ।

ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟର ସବୁ ଜିଲ୍ଲାରେ ରେଳ ଯୋଗାଯୋଗ ବ୍ୟବସ୍ଥା କରିବା ପାଇଁ ଉଦ୍ୟମ ଜାରି ରଖିଛି। ଓଡ଼ିଶାରେ ବର୍ତ୍ତମାନ ୯୭ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଓଡ଼ିଶାର ୫୯ ରେଳ ଷ୍ଟେସନକୁ 'ଅମୃତ ଭାରତ' ଯୋଜନାରେ ଆଧୁନିକୀକରଣ କରାଯାଉଛି। ସେଥିରେ ୧୮୪ କୋଟି ଟଙ୍କା ଖର୍ଚ୍ଚରେ ପୁରୀ ଷ୍ଟେସନର କାମ ମଧ୍ୟ ଚାଲୁ ରହିଛି। ପୁରୀର ସାଂସ୍କୃତିକ ଓ ଆଧ୍ୟାତ୍ମିକ ବୈଭବକୁ ଦୃଷ୍ଟିରେ ରଖି ଏହାର ଡିଜାଇନ କରାଯାଇଛି। ଆସନ୍ତା ବର୍ଷ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଧାର୍ଯ୍ୟ କରାଯାଇଛି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଏବେ ଏକ ଟ୍ରାନସ୍‌ଫର୍ମେସନର ଯୁଗ ଆସିଛି। ସଡ଼କ ଠାରୁ ଆରମ୍ଭ କରି ରେଳ, ବିମାନସେବା ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସିଛି। ମୋଦୀଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଯେଉଁ ଅଭିଯାନ ଚାଲିଛି ସେଥିରେ ଅଶ୍ୱିନୀ ବୈଷ୍ଣବଜୀ ଏକ ମହତ୍ତ୍ୱପୂର୍ଣ୍ଣ (ପୃଷ୍ଠା-୩ ଦେଖନ୍ତୁ)

# ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ

**ଭୁବନେଶ୍ୱର:** ଆସନ୍ତା ଜୁଲାଇ ୨୦ରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶ। ୨୦ ତାରିଖରୁ ଆରମ୍ଭ ହୋଇ ମୌସୁମୀ ଅଧିବେଶ ଅଗଷ୍ଟ ୧୩ ଯାଏ ଚାଲିବ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜାତୀୟ ଗୁରୁତ୍ୱ ବହନ କରୁଥିବା ଅର୍ଥ ପୂର୍ଣ୍ଣ ବିତର୍କ ଏହି ଅଧିବେଶନରେ ହେବ ବୋଲି ଶ୍ରୀ ରିଜିଜୁ ଆଶା କରିଛନ୍ତି।

ଏକ୍ସରେ ମୌସୁମୀ ଅଧିବେଶନ ଆରମ୍ଭ ସମ୍ପର୍କରେ ଘୋଷଣା କରି ରିଜିଜୁ କହିଛନ୍ତି, "ଭାରତ ସରକାରଙ୍କୁ ପ୍ରସ୍ତାବ ଅନୁସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମ ସଂସଦର ମୌସୁମୀ ଅଧିବେଶନ ପାଇଁ ଅନୁମତି ଦେଇଛନ୍ତି। ଅର୍ଥପୂର୍ଣ୍ଣ ବିତର୍କ, ଆଲୋଚନା ଓ ଜାତୀୟ ଗୁରୁତ୍ୱବହନ କରୁଥିବା ପ୍ରସଙ୍ଗରେ ନିଷ୍ପତ୍ତି ନେବାକୁ ଏହି ଅଧିବେଶନ ଜୁଲାଇ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ଯାଏ ଚାଲିବ।"



ପ୍ରାୟ ଗୋଟିଏ ମାସ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୧୯ଟି କାର୍ଯ୍ୟ ଦିବସ ରହିଛି। ଟିଏମସିରେ ବିଦ୍ରୋହ, ଡିଏମକେ-କଂଗ୍ରେସ ମଧ୍ୟରେ ଫାଟ ଓ ଉଦ୍ଧବ ସେନାର ୬ ସାଂସଦଙ୍କ ଦଳବଦଳ ଯୋଗୁ ମୌସୁମୀ ଅଧିବେଶନର ସିଟିଂ ବ୍ୟବସ୍ଥା ସାମାନ୍ୟ ଭିନ୍ନ ରହିବ। ଶାସକ ଏନଡିଏର ସମର୍ଥନ ବୃଦ୍ଧି ପାଇବାର ଆଶା ଥିବା ବେଳେ ବିରୋଧୀ ମେଣ୍ଟ ଇଣ୍ଡିଆ ସମର୍ଥିତ ସାଂସଦଙ୍କ ସଂଖ୍ୟା ସଂସଦରେ ହ୍ରାସ ହେବ।

ମୌସୁମୀ ଅଧିବେଶନ ସମୟରେ ମମତାଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିବା ୨୦ ସାଂସଦ କମ ପରିଚିତ ଏନସିପିଆଇରେ ମିଶିବେ କି ନାହିଁ, ତା'ର ନିଷ୍ପତ୍ତି ବାଚସ୍ପତି ଓମ ବିର୍ଲା ନେବେ। ସେହିପରି ଉଦ୍ଧବ ସେନା ଛାଡ଼ି ଏକନାଥ ସିନ୍ଦେଙ୍କ ଶିବସେନାରେ ମିଶିଥିବା ୬ ସାଂସଦଙ୍କୁ ବାଚସ୍ପତି ସ୍ୱୀକୃତି ଦେଉଛନ୍ତି କି ନାହିଁ, ତା' ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ।

ଅନ୍ୟପକ୍ଷରେ ମହିଳା ସଂରକ୍ଷଣ ଓ ଡିଲିମିଟେସନ ସହ ଜଡ଼ିତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ପୁଣି ମୌସୁମୀ ଅଧିବେଶନ ସମୟରେ ଆସିପାରେ। ପୂର୍ବ ଅଧିବେଶନରେ ଏହି ସମ୍ବିଧାନ ସଂଶୋଧନ ବିଲକୁ ସରକାର ପାରିତ କରି ପାରି ନଥିଲେ। ସରକାର 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ', ଏଫସିଆର୍‌ଏ ବିଲ୍, ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଓ ଆଣ୍ଟି-ଡୋପିଂ ବିଲ୍ ମଧ୍ୟ ସଂସଦରେ ଉପସ୍ଥାପିତ କରିପାରନ୍ତି।ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ସମ୍ବନ୍ଧୀୟ ଅଧ୍ୟାଦେଶକୁ ବଦଳାଇବା ପାଇଁ ବିଲ୍, କୋଡ୍ ଅନ୍ ଓ୍ୱେଜେସ୍ କେନ୍ଦ୍ରୀୟ ନିୟମ, କର୍ପୋରେଟ୍ ଆଇନ ଏବଂ ସିକ୍ୟୁରିଟିଜ୍ ମାର୍କେଟ୍ କୋଡ୍ ସମ୍ବନ୍ଧୀୟ ବିଲ୍ ମଧ୍ୟ ଉପସ୍ଥାପିତ ହେବାର ସମ୍ଭାବନା ରହିଛି। (ପୃଷ୍ଠା-୩ ଦେଖନ୍ତୁ)

### ନାଇଜରର ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି

## ବିକଶିତ ଭାରତ ଗଠନରେ ଯୁବବୈଜ୍ଞାନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର: ନାଇଜର ର ୧୫ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଟଣୀସ୍ଥିତ ନାଇଜର କ୍ୟାମ୍ପସରେ ଅନୁଷ୍ଠିତ ଉତ୍ସବର ମୁଖ୍ୟଅତିଥି ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ କହିଛନ୍ତି ଯେ ମହାନ ବୈଜ୍ଞାନିକ ହୋମି ଭାଭା ଆମ ଗହଣରେ ନାହାନ୍ତି ସତ, କିନ୍ତୁ ଆଜି ମୁଁ ମୋ ସମ୍ମୁଖରେ ଶତାଧିକ ହୋମି ଭାଭାଙ୍କୁ ବସିଥିବାର ଦେଖିପାରୁଛି। କେବଳ ଗବେଷଣା ନୁହେଁ, ବରଂ ଜାତୀୟ ସୁରକ୍ଷା ଓ ଦୀର୍ଘସ୍ଥାୟୀ ବିକାଶ ପ୍ରତି ନାଇଜରର ଅଙ୍ଗୀକାରବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ।

ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଓ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରୁଥିବା ବେଳେ ବିଜ୍ଞାନର ସାମର୍ଥ୍ୟ ହିଁ ଏହାର ସ୍ଥାୟୀ ସମାଧାନ ବାହାର କରିପାରିବ। ବୈଜ୍ଞାନିକ ଦକ୍ଷତା ଏବେ କୌଣସି ବିକଳ୍ପ ନୁହେଁ, ବରଂ ଏହା ଆମ ପ୍ରଗତିର ମୂଳଦୁଆ। ଛାତ୍ରଛାତ୍ରୀମାନେ ନିଜ ଭିତରେ ଥିବା ଜିଜ୍ଞାସାକୁ ସଦାସର୍ବଦା ଜାଗ୍ରତ ରଖି ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବା ସହ ନିଜ ଜ୍ଞାନକୁ ମାନବ ସମାଜର କଲ୍ୟାଣରେ ବିନିଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଉତ୍ସବରେ ଯୋଗଦେଇଥିବା ରାଜ୍ୟପାଳ ହରିବାବୁ କମ୍ଭମପାଟି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇ କହିଲେ ଏଠାରେ ଛାତ୍ରଛାତ୍ରୀ କେବଳ ଏକ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ପାଉନାହାନ୍ତି, ବରଂ ସମାଜ ପ୍ରତି ଏକ ବଡ଼ ଦାୟିତ୍ୱକୁ ନିଜ କାନ୍ଧକୁ ନେଉଛନ୍ତି। ବିଶ୍ୱରେ ସମସ୍ତ ସମସ୍ୟାର (ପୃଷ୍ଠା-୩ ଦେଖନ୍ତୁ)

### ଏମ୍‌ଓୟୁ ଓଡ଼ିଶାରେ ୧.୧୦ ଲକ୍ଷ କୋଟିର ଆଲୁମିନିୟମ୍ ପ୍ରକଳ୍ପ

## ଆଦାନୀ ଓ ୟୁଏଇ କମ୍ପାନୀ ସହ ଏମଓୟୁ

**ଭୁବନେଶ୍ୱର:** ଓଡ଼ିଶା ସରକାରଙ୍କ 'ଇପିକଲ' ଓ ଦୁଇ ନିବେଶକାରୀ ସଂସ୍ଥା ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର (୧୧.୫ ବିଲିୟନ ଆମେରିକୀୟ ଡଲାର) ବିପୁଳ ପୁଞ୍ଜିନିବେଶ ହେବ, ଯାହା ଓଡ଼ିଶାର ଶିଳ୍ପାୟନ ଏବଂ ଆର୍ଥିକ ବିକାଶରେ ସହାୟକ



ହେବ ବୋଲି କୁହାଯାଉଛି।

ୟୁଏଇର ପ୍ରତିଷ୍ଠିତ ବ୍ୟବସାୟିକ ସଂଗଠନ 'ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ' (ଆଇଏଚସି ଗ୍ରୁପ୍) ଓ ଆଦାନୀ ଗ୍ରୁପର ମିଳିତ ସହଯୋଗରେ ଓଡ଼ିଶାରେ ଏକ ମେଗା ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ ପ୍ରକଳ୍ପ ସ୍ଥାପନ ହେବ। ଏଥିପାଇଁ ଓଡ଼ିଶା ସରକାରଙ୍କ 'ଇପିକଲ' ଓ ଦୁଇ ନିବେଶକାରୀ ସଂସ୍ଥା ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର (୧୧.୫ ବିଲିୟନ ଆମେରିକୀୟ ଡଲାର) ବିପୁଳ ପୁଞ୍ଜିନିବେଶ ହେବ, ଯାହା ଓଡ଼ିଶାର ଶିଳ୍ପାୟନ ଏବଂ ଆର୍ଥିକ ବିକାଶରେ ସହାୟକ ହେବ ବୋଲି କୁହାଯାଉଛି।

ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ମେଗା ପ୍ରକଳ୍ପ ଅଧୀନରେ ରାଜ୍ୟରେ ୪ ମିଲିୟନ ଟନର ଆଲୁମିନା ପ୍ଲାଣ୍ଟ, ୨ ମିଲିୟନ ଟନର ଆଲୁମିନିୟମ ପ୍ଲାଣ୍ଟ ସମେତ ୧ ମିଲିୟନ ଟନର ଡାଉନଷ୍ଟ୍ରିମ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା କରିବେ ଆଦାନୀ ଓ ଆଇଏଚଏସ ଗ୍ରୁପ୍। ଏହାଦ୍ୱାରା ୫୩୫୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ବିଶେଷକରି ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫ହଜାର ଓ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮୫୦୦ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିବ। (ପୃଷ୍ଠା-୩ ଦେଖନ୍ତୁ)

# ରଥଯାତ୍ରା ପାଇଁ ପାନୀୟ ଜଳ ବ୍ୟବସ୍ଥାର ସମୀକ୍ଷା

**ଭୁବନେଶ୍ୱର:** ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଏବଂ ଏଥିପାଇଁ ପୁରୀକୁ ଆସିବାକୁ ଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଏକ ବ୍ୟାପକ ସମୀକ୍ଷା କରିବା ସହ ସହରରେ ନିର୍ମାଣାଧୀନ ନୂତନ ୪୨ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଉତ୍ସବ ସମୟରେ ନିରବଚ୍ଛିନ୍ନ ଭାବେ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ପ୍ରସ୍ତୁତିର ଆକଳନ କରିବା ପାଇଁ ମନ୍ତ୍ରୀ ଡଃ ମହାପାତ୍ର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି, ବିଭାଗୀୟ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଓ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ରଥଯାତ୍ରା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ ସ୍ୱତନ୍ତ୍ର ବ୍ୟବସ୍ଥା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। କ୍ଷେତ୍ର



ପରିଦର୍ଶନ ସମୟରେ ଡଃ ମହାପାତ୍ର ୪୨ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟର ପ୍ରମୁଖ ଅଂଶ ଯେପରିକି କ୍ଲାରିଫାୟର ଫିଲଟ୍ରେସନ୍ ୟୁନିଟ୍, ଯନ୍ତ୍ରପାତି ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମିର ଅଗ୍ରଗତି ପରିଦର୍ଶନ କରିଥିଲେ। ପୁରୀ ସହରର ବର୍ତ୍ତମାନ ଓ ଭବିଷ୍ୟତର ଜଳ ଆବଶ୍ୟକତା ପୂରଣ ଦିଗରେ ଏହି ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ଗୁଣବତ୍ତା ବଜାୟ ରଖିବା ସହ କାମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

'ରଥଯାତ୍ରା ସମୟରେ ପୁରୀର ଜନସଂଖ୍ୟା ବହୁଗୁଣିତ ହୋଇଯାଏ। ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନିରବଚ୍ଛିନ୍ନ ଭାବେ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ଆମର ସର୍ବୋଚ୍ଚ ପ୍ରାଥମିକତା। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ସଂସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି। ଶ୍ରୀ ଜଗନ୍ନାଥ ମନ୍ଦିର ଚାରିପାଖ, ସେବାୟତ, ତୀର୍ଥଯାତ୍ରୀଙ୍କ ରହଣି ସ୍ଥଳ, ଅସ୍ଥାୟୀ ଶିବିର ଏବଂ ସହରର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା ମନ୍ତ୍ରୀ ଡଃ ମହାପାତ୍ର କରିଥିଲେ। ଜଳ ଯୋଗାଣ ନେଟୱର୍କର କ୍ରମାଗତ ନିରୀକ୍ଷଣ କରିବା ସହ ପାୱାର ବ୍ୟାକଅପ୍ ବ୍ୟବସ୍ଥା ଏବଂ ଜରୁରୀକାଳୀନ ପଦକ୍ଷେପ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଜଳ ଯୋଗାଣରେ କୌଣସି ଅପ୍ରତ୍ୟାଶିତ ବାଧା ଦୂର କରିବା ପାଇଁ ୱାଟକୋ ପକ୍ଷରୁ ଭ୍ରାମ୍ୟମାଣ ପାଣି ଟାଙ୍କି, ଅସ୍ଥାୟୀ ଜଳ ବଣ୍ଟନ କେନ୍ଦ୍ର ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳକୁ ପ୍ରସ୍ତୁତ ରଖାଯାଇଛି। ତୁରନ୍ତ ସେବା ଏବଂ ନିରବଚ୍ଛିନ୍ନ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ରଥଯାତ୍ରା ସମୟରେ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟ କରିବ। ମନ୍ତ୍ରୀ ଡଃ ମହାପାତ୍ର ଅଧିକାରୀ ଓ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏବଂ ଗୁଣବତ୍ତା ସହ କୌଣସି ପ୍ରକାରର ଆପୋଷ ବୁଝାମଣା ନକରି ଜଳ ବିଶୋଧନ ପ୍ଲାଣ୍ଟ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ମାନଦଣ୍ଡରୁ କୌଣସି ପ୍ରକାରର ଅବହେଳା କିମ୍ବା ବିଚ୍ୟୁତିକୁ ଗମ୍ଭୀରତାର ସହ ନିଆଯିବ ବୋଲି ସେ ଦୋହରାଇଛନ୍ତି। ରଥଯାତ୍ରା ସମୟରେ ଉନ୍ନତମାନର ସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମନ୍ତ୍ରୀ କହିଛନ୍ତି ଯେ ସମସ୍ତ ଭକ୍ତ ଓ ବାସିନ୍ଦାଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳର ନିରବଚ୍ଛିନ୍ନ ସୁବିଧା ସହ ଏକ ସୁରୁଖୁରୁ, ସୁରକ୍ଷିତ ଏବଂ ସୁସଂଗଠିତ ରଥଯାତ୍ରା ସୁନିଶ୍ଚିତ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ୱାଟକୋ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।

# ଆକର୍ଷଣୀୟ ଜଳବିଭବ ମନ୍ଦିରା ଡ୍ୟାମ୍



ଓଡ଼ିଶାରେ ରହିଛି ଅନେକ ଛୋଟ ବଡ଼ ନଦୀବନ୍ଧ। ସାଧାରଣତଃ ଡ୍ୟାମ୍ ବା ନଦୀବନ୍ଧ କହିଲେ ହୀରାକୁଦ, ରେଙ୍ଗାଲି, ଇନ୍ଦ୍ରାବତୀ ଆଦି ବୃହତ୍ ନଦୀବନ୍ଧକୁ ବୁଝାଯାଇଥାଏ। କିନ୍ତୁ ଅନେକ ସ୍ଥାନରେ ବହୁ କ୍ଷୁଦ୍ର ଓ ମଧ୍ୟମ ଧରଣର ନଦୀବନ୍ଧ ବା ଡ୍ୟାମ୍ ମଧ୍ୟ ନିର୍ମାଣ ହୋଇଛି। ଡ୍ୟାମ୍ ନିର୍ମାଣର ଲକ୍ଷ୍ୟ ମଧ୍ୟ ବିଭିନ୍ନ ପ୍ରକାର। ଯେମିତି ବିଦ୍ୟୁତ୍ ଉତ୍ପାଦନ, ଜଳ ସଂରକ୍ଷଣ, ଜଳସେଚନ ତଥା ମୃତ୍ତିକା କ୍ଷୟକୁ ନିୟନ୍ତ୍ରଣ କରିବା। ତେବେ ଅଳ୍ପ କେତୋଟି ବୃହତ୍ ତଥା ମଧ୍ୟମ ନଦୀବନ୍ଧକୁ ଛାଡ଼ି ଦେଲେ ଅନ୍ୟ କ୍ଷୁଦ୍ର ନଦୀବନ୍ଧଗୁଡ଼ିକ ଯଦିଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ନିର୍ମାଣ ହୋଇ ନଥାଏ, ତେବେ ଜଳ ସଂରକ୍ଷଣ ଓ ଜଳସେଚନର ଏ ନଦୀବନ୍ଧଗୁଡ଼ିକ ବେଶ୍ ସହାୟକ ହୋଇଥାଆନ୍ତି। ତେବେ କୃଷି ପାଇଁ ଜଳସେଚନର ଅଧିକା ଶିଳ୍ପ ପାଇଁ ମଧ୍ୟ ଜଳ ସଂରକ୍ଷଣ ତଥା ଜଳଯୋଗାଣ ପାଇଁ ନଦୀବନ୍ଧ ତଥା ଡ୍ୟାମ୍‌ଗୁଡ଼ିକ ନିର୍ମାଣ କରାଯାଇଛି।

ସୁନ୍ଦରଗଡ଼ ଜିଲ୍ଲାରେ ଅବସ୍ଥିତ ଡ୍ୟାମ୍‌ଗୁଡ଼ିକ ମଧ୍ୟରୁ ମନ୍ଦିରା ଡ୍ୟାମ୍, ସରବ୍‌ଗଡ଼ ଡ୍ୟାମ୍ ଓ ପିତା ମହଲ ଡ୍ୟାମ୍ ଅନ୍ୟତମ। ତତ୍ ସହ ଅନେକ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଡ୍ୟାମ୍ ମଧ୍ୟ ରହିଛି। ପାହାଡ଼ ଅଞ୍ଚଳରୁ ନିର୍ଗତ ବିଭିନ୍ ଛୋଟ ନଦୀ, ଉପନଦୀ, ଝରଣାଗୁଡ଼ିକ ବନ୍ଧାଯାଇ ସେଥିରେ ଚେକ୍ ପୋଷ୍ଟ ନିର୍ମାଣ କରି ଜଳ ସଂରକ୍ଷଣ କରାଯାଇଥାଏ। ଏହା ଫଳରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର କୃଷି ଜଳସେଚନ ହେବା ସହ ନିକଟବର୍ତ୍ତୀ ଶିଳ୍ପ ସଂସ୍ଥାମାନେ ମଧ୍ୟ ଆବଶ୍ୟକୀୟ ମୁତାବକ ଜଳ ଚାହିଦା ମେଣ୍ଟାଇଥାଆନ୍ତି। ଏହି ଆବଶ୍ୟକତାକୁ ଦେଖି ନିର୍ମାଣ ହୋଇଛି ମନ୍ଦିରା ଡ୍ୟାମ୍।

ପ୍ରାକୃତିମ ମନୋରମ ପରିବେଶ ମଧ୍ୟରେ ନିର୍ମିତ ଏହି ଜଳାଶୟଟି ଦେଖିବାକୁ ବେଶ୍ ଆକର୍ଷଣୀୟ। ରାଉରକେଲାଠାରୁ ଅଳ୍ପ ଦୂର କାଂଶବାହାଲ ନିକଟରେ ଅବସ୍ଥିତ ମନ୍ଦିରା ଡ୍ୟାମ୍। ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟର ଏହା ଏକ ନିଜସ୍ୱ ପ୍ରକଳ୍ପ। ଷ୍ଟିଲ୍‌ପ୍ଲାଣ୍ଟର ଜଳର ଚାହିଦା ମେଣ୍ଟାଇବା ସଙ୍ଗେ ସଙ୍ଗେ କର୍ମଚାରୀଙ୍କୁ ସୁବିଧାରେ ଜଳଯୋଗାଣ ପାଇଁ ଏହା ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଶଙ୍ଖନଦୀ ଉପରେ ନିର୍ମିତ ହୋଇଛି। ଏହାର ନିର୍ମାଣ କାଳ ୧୯୫୭ରୁ ୧୯୫୯ ମସିହା ମଧ୍ୟରେ ହୋଇଥିବା ଜଣାଯାଏ। ହାରୀକୁଦ ପ୍ରୋଜେକ୍ଟ ଅଥରିଟି ଏହାର ନିର୍ମାଣ ଦାୟିତ୍ୱ ତୁଲାଇଥିଲେ। ପ୍ରାକୃତିକ ପରିବେଶ ମଧ୍ୟରେ ନିର୍ମିତ ଏହି ପ୍ରକଳ୍ପ ଉଚ୍ଚତା ୩୫.୩୮ ମିଟର ହୋଇଥିବା ବେଳେ ଏହାର ଦୈର୍ଘ୍ୟ ୪୭୬.୭୨ ମିଟର। ଶଙ୍ଖ ନଦୀ ଉପରେ ନିର୍ମିତ ଏହି ଡ୍ୟାମ୍‌ଟି ସୁନ୍ଦରଗଡ଼ ଜିଲ୍ଲାର ଏକ ବିରଳ ମନୋରମ ବିଭବ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଏହା ଏକ ଉନ୍ନତ ପିକ୍‌ନିକ୍ ସ୍ପଟ୍ ରୂପେ ମାନ୍ୟତା ପାଇଛି। ଏଠାକୁ ନିୟମିତ ଦୂରଦୂରାନ୍ତରରୁ ବହୁ ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀ ଆସିଥାନ୍ତି। ରାଉରକେଲା ଇସ୍ପାତ କାରଖାନା ଜଳସଂପଦ ବିଭାଗ ଅଧୀନରେ ପରିଚାଳିତ ଅତିଥିଭବନ ଏଠାରେ ନିର୍ମାଣ କରାଯାଇଛି। ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଅତି ସୁନ୍ଦର ପାର୍କ ମଧ୍ୟ ରହିଛି। ମନ୍ଦିରା ଡ୍ୟାମ୍‌ର ନୀଳ ଜଳରାଶି ପର୍ଯ୍ୟଟକଙ୍କ ମନକୁ ମୋହି ନେଇଥାଏ। ଏଠାକୁ ଥରେ ପ୍ରବେଶ କଲେ ଆଉ ଫେରି ଆସିବାକୁ ମନେ ହୁଏ ନାହିଁ। ଏହା ସୁନ୍ଦରଗଡ଼ ତଥା ଆଖପାଖ ଅଞ୍ଚଳ ପାଇଁ ଶ୍ରେଷ୍ଠ ସୁପରିଚିତ ତଥା ସୌନ୍ଦର୍ଯ୍ୟମୟୀ ପିକ୍‌ନିକ୍ ସ୍ପଟ୍ ଭାବରେ ଜନସାଧାରଣଙ୍କ ମନରେ ସ୍ଥାନ ପାଇସାରିଛି। ଫଟୋଗ୍ରାଫରମାନେ ତାଙ୍କ ଲେନସ୍‌ରେ ସୁନ୍ଦର ଦୃଶ୍ୟରାଜିକୁ ଉତ୍ତୋଳନ କରିବା ପାଇଁ ଅନେକ ଅବସର ଏଠାରେ ଖୁନ୍ଦି ହୋଇରହିଛି।

**କେମିତି ଯିବେ ମନ୍ଦିରା ଡ୍ୟାମ୍ :** ସୁନ୍ଦରଗଡ଼ରୁ ରାଉରକେଲା ଗଲାବେଳେ ବା ରାଉରକେଲାରୁ ସୁନ୍ଦରଗଡ଼ ଆସିଲାବେଳେ ୧୦ ନମ୍ବର ଜାତୀୟ ରାଜପଥର କାଂଶବାହଲ ନିକଟବର୍ତ୍ତୀ ଏକ ସ୍ଥାନ ପଡ଼େ ଲାଇଙ୍ଗ। ଏହି ଲାଇଙ୍ଗ ଛକଠାରୁ ଭିତରକୁ ମାତ୍ର ୩ କିଲୋମିଟର ଦୂରରେ ଅବସ୍ଥିତ ମନ୍ଦିରା ଡ୍ୟାମ୍। ତେବେ ଲାଇଙ୍ଗ ଛକ ରାଉରକେଲାଠାରୁ ୩୫ କିଲୋମିଟର। ବେଦବ୍ୟାସ ଛକଠାରୁ ୧୯ କିଲୋମିଟର ଦୂରରେ ଅବସ୍ଥିତ। ରାଜଗାଙ୍ଗପୁର ରାଣିବନ୍ଧ ଛକଠାରୁ ମାତ୍ର ୬ କିଲୋମିଟର ରାସ୍ତା ଅଟେ। ଲାଇଙ୍ଗ ଛକକୁ ଯିବା ପାଇଁ ସୁନ୍ଦରଗଡ଼ ଓ ରାଉରକେଲାଠାରୁ ସବୁବେଳେ ବସ୍ ସେବା ଅଛି। ତେବେ ଲାଇଙ୍ଗ ଛକଠାରୁ ବ୍ୟକ୍ତିଗତ ସୁବିଧାରେ ଯିବାକୁ ପଡ଼ିବ। ଅଟୋ, କାର, ଜିପ୍ ନିଜ ସୁବିଧାରେ ଭଡ଼ା କରି ମନ୍ଦିରା ଡ୍ୟାମ୍ ଯାଇ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ଥରେ ଏଠାକୁ ଗଲେ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବାନ୍ଧି ରଖେ। ଆଉ ଫେରି ଆସିବାକୁ ମନ ହୁଏ ନାହିଁ। ଦିନରେ ସୂର୍ଯ୍ୟକିରଣ ମଧ୍ୟ ଏଠାରେ ତାହାର ତେଜ ମଳିନ କରି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ସାହାଯ୍ୟ କରିଥାଏ। ତେବେ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଏହା ଏକ ମନୋରମ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି। ଉଭୟ ଜଳ ପ୍ରକଳ୍ପ ଓ ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ମନ୍ଦିରା ଡ୍ୟାମ୍ ପର୍ଯ୍ୟଟକ ଓ ଭାବୁକମାନଙ୍କ ହୃଦୟରେ ସବୁଦିନ ପାଇଁ ସତେଜ ହୋଇ ରହିବ।

# ପ୍ରତିଦିନ ଚାଲିବା ଦ୍ୱାରା କମିଥାଏ ହାର୍ଟ ଆଟାକ୍ ଆଶଙ୍କା



ବର୍ତ୍ତମାନ ସମୟରେ ହାର୍ଟ ସମ୍ବନ୍ଧୀୟ ସମସ୍ୟା ବଢ଼ିବାରେ ଲାଗିଛି। କରୋନା ଭାଇରସ, ଖରାପ ଜୀବନଶୈଳୀ ଏବଂ ଖାଦ୍ୟପେୟ କାରଣରୁ ହୃଦୟ ରୋଗ ବଢ଼ିଛି। ହାର୍ଟ ସମସ୍ୟା କମାଇବା ପାଇଁ ନିୟମିତ ବ୍ୟାୟାମ କରିବାକୁ କହିଥାନ୍ତି ଡାକ୍ତର। ତେବେ ଜଣାପଡ଼ିଛି ପ୍ରତିଦିନ ୬,୦୦୦ ରୁ ୯,୦୦୦ ପାଦ ଚାଲିବା ଦ୍ୱାରା ହାର୍ଟ ଆଟାକ୍ ଭଳି ଆଶଙ୍କା କମ୍ ହୋଇପାରେ। ଜର୍ଣ୍ଣାଲ ସର୍କୁଲେସନରେ ପ୍ରକାଶିତ ଏକ ଷ୍ଟଡିରେ ଏନେଇ ଖୁଲାସା ହୋଇଛି।

ଏହି ଷ୍ଟଡି ଆମେରିକା ଏବଂ ୪୨ ଅନ୍ୟ ଦେଶରେ ୨୦,୦୦୦ରୁ ଅଧିକ ଲୋକଙ୍କ ଉପରେ କରାଯାଇଥିଲା। ସାମିଲ୍ ହୋଇଥିବା ବ୍ୟକ୍ତି ବୟସ ୬୩ ବର୍ଷର ଥିଲା ଏବଂ ଏଥିରେ ୫୨ ପ୍ରତିଶତ ମହିଳା ରହିଥିଲେ। ପ୍ରତିଦିନ ୨,୦୦୦ ପାଦ ଚାଲୁଥିବା ବ୍ୟକ୍ତିଙ୍କ ତୁଳନାରେ ୬,୦୦୦ ରୁ ୯,୦୦୦ ପାଦ ଚାଲୁଥିବା ବ୍ୟକ୍ତିଙ୍କଠାରେ ହାର୍ଟ ଆଟାକ୍ ଏବଂ ଷ୍ଟ୍ରୋକ୍ ସହ ଅନ୍ୟ ହାର୍ଟ ରୋଗ ଆଶଙ୍କା ୪୦ ରୁ ୫୦ ପ୍ରତିଶତ କମ୍ ରହିଥିଲା। ମାସାଚୁସେଟ୍ ବିଶ୍ୱବିଦ୍ୟାଳୟର ପ୍ରମୁଖ ଲେଖକ ଡ.ଅମାଣ୍ଡା ପାଲୁଚ କହିଛନ୍ତି ଯେ ଚାଲିବା ଦ୍ୱାରା ହାର୍ଟ ସମସ୍ୟାରେ ହ୍ରାସ ପରିଲକ୍ଷିତ ହୋଇଛି।

ଗବେଷଣା କରୁଥିବା ବୈଜ୍ଞାନିକ କହିଛନ୍ତି ଯେ ପ୍ରତିଦିନ ୯ ହଜାର ଷ୍ଟେପ୍ ଚାଲିବା କଷ୍ଟକର ନୁହେଁ। ଯଦି ଆପଣ ସକ୍ରିୟ ରହୁଛନ୍ତି ଏବଂ ନିଜର ଶାରୀରିକ ଗତିବିଧିକୁ ବଢ଼ାଇବା ପାଇଁ ସକ୍ରିୟ ଭାବରେ ବିଭିନ୍ନ ଦୈନନ୍ଦିନ କାମ କରୁଛନ୍ତି ଯେମିତି ସିଡ଼ି ଚଢ଼ିବା, କାର୍ ବଦଳରେ ଆଖପାଖକୁ ଚାଲି ଚାଲି ଯିବ ଇତ୍ୟାଦି। ପ୍ରତିଦିନ ଏଭଳି ଅନେକ କାମ କରିବା ଦ୍ୱାରା ହାର୍ଟ ସମସ୍ୟା କମ୍ ହୋଇପାରେ।

ବିଶେଷଜ୍ଞଙ୍କ ଅନୁଯାୟୀ, ୬,୦୦୦ ରୁ ଅଧିକ ପାଦ ଚାଲିବା ଦ୍ୱାରା ମାଂସପେଶୀରେ ଇନସୁଲିନ୍ ପ୍ରତିରୋଧ କମ୍ ହୋଇପାରେ ଏବଂ ଯନ୍ତ୍ରଣା କମ୍ ହୋଇଥାଏ ତଥା ହାର୍ଟକୁ ଲାଭ ହୋଇଥାଏ। ଏହା ରକ୍ତଚାପ ଏବଂ ଶରୀରରେ ଓଜନକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ। ଚାଲିବା ଦ୍ୱାରା ଡିପ୍ରେସନ ଆଶଙ୍କା କମ୍ ହୋଇଥାଏ। ପ୍ରତି ମିନିଟ୍‌ରେ ପ୍ରାୟ ୧୦୦ ପାଦ ଚାଲିବା ଦାରା ବିଶେଷ ଭାବରେ ଉପଯୋଗୀ ହେବ।

# କେମିତି ଜାଣିବେ ଡାଇବେଟିସ୍



ଡାଇବେଟିସ୍ ଏପରି ଏକ ରୋଗ ଯାହାକୁ ନିୟମିତ ଭାବରେ ଚିକିତ୍ସା କରିବା ଦରକାର। ଡାଇବେଟିସ୍ ବିଭିନ୍ନ ସମସ୍ୟା ମଧ୍ୟ ଉପୁଜିଥାଏ। ଡାଇବେଟିସ୍ ଯୋଗୁଁ ଅଧିକ ଶୋଷ ଲାଗିବା, ବାରମ୍ବାର ପରିସ୍ରା ଲାଗିବା, ଥକ୍କା ଲାଗିବା, ଦୃଷ୍ଟିଶକ୍ତି କମ୍ ହେବା, ଓଜନ ହ୍ରାସ ହେବା, ଭଳି ସମସ୍ୟା ଦେଖାଦେଯିବା। ଆହୁରି ମଧ୍ୟ ଡାଇବେଟିସ୍ ଯୋଗୁଁ ଧମନୀକୁ ମଧ୍ୟ କ୍ଷତି ପହଞ୍ଚିଥାଏ ଫଳରେ ଶରୀରରେ ବିଭିନ୍ନ ଅଙ୍ଗକୁ ଠିକ୍ ଭାବରେ ରକ୍ତ ପହଞ୍ଚିପାରିନଥାଏ। ଯାହାକି ଅନେକ ସମୟରେ ବିପଜ୍ଜନକ ହୋଇପାରେ। ତେବେ ଏଭଳି କିଛି ଅଙ୍ଗ ରହିଛି ଯାହା ଉଚ୍ଚ ରକ୍ତ ସର୍କରାର ସୂଚନା ଦେଇଥାଏ।

**ଆଖି-** ଉଚ୍ଚ ରକ୍ତ ସର୍କରା ଯୋଗୁଁ ରେଟିନାରେ ଥିବା ବ୍ଲଡ୍ ଭେସେଲକୁ ପ୍ରଭାବିତ କରିଥାଏ। ଏହାଯୋଗୁଁ ସ୍ପଷ୍ଟ ନଦିଶିବା, କାଟାରାକ୍ଟ, ଗ୍ଲୁଉକୋମା ଏବଂ ଡାଇବେଟକ୍ ରେଟିନୋପାଥୀ ଭଳି ସମସ୍ୟା ଦେଖାଥାଇଥାଏ। ଏଣୁ ଏହାକୁ ଅଣଦେଖା ନକରି ଚିକିତ୍ସା କରିବା ଭଲ ହୋଇଥାଏ। ନହେଲେ ଦୃଷ୍ଟି ଶକ୍ତି ହରାଇବାକୁ ପଡ଼ିପାରେ।

**ପାଦ-** ଡାଇବେଟିସ୍ ଦୁଇ ପ୍ରକାରରେ ପାଦକୁ ପ୍ରଭାବିତ କରିଥାଏ। ପ୍ରଥମେ ପାଦରେ ଥିବା ସ୍ନାୟୁ ନଷ୍ଟ ହୋଇଥାଏ। ଫଳରେ ଆପଣ ପାଦକୁ ଅନୁଭବ କରିପାରିନଥାନ୍ତି। ଅନ୍ୟଟି ହେଉଛି ଆପଣଙ୍କ ପାଦକୁ ଠିକ୍ ଭାବରେ ରକ୍ତ ସଞ୍ଚାଳନ ହୋଇପାରେନାହିଁ। ଫଳରେ ଯଦି କ୍ଷତ ହେଉଛି ତାହା ଠିକ୍ ହେବାକୁ ଅଧିକ ସମୟ ଲାଗିଥାଏ। ଏହାକୁ ଠିକ୍ ସମୟରେ ଚିକିତ୍ସା ନକଲେ ବିପଦ ସାଜିପାରେ।

**କିଡନୀ:** କିଡନୀ ଶରୀରର ଏକ ଜରୁରୀ ଅଙ୍ଗ। ଯାହା ଶରୀରରେ ଥିବା ଟକ୍ସିନ ଏବଂ ବର୍ଜ୍ୟକୁ ସଫା କରିଥାଏ। ଏଥିରେ ମଧ୍ୟ ଛୋଟ ଛୋଟ ଶିରା ରହିଥାଏ। ଯାହା ଠିକ୍ ଭାବରେ କାମ କରିବା ପାଇଁ ସାହାଯ୍ୟ କରିଥାଏ। କିନ୍ତୁ ଉଚ୍ଚ ରକ୍ତ ସର୍କରା ଯୋଗୁଁ ଏଥିରେ କ୍ଷତି ହୋଇଥାଏ ଯାହା ଫଳରେ କିଡନୀ ରୋଗର କାରଣ ପାଲଟିଥାଏ। ଏହାର ଲକ୍ଷଣ ହେଉଛି ବାରମ୍ବାର ପରିସ୍ରା ଲାଗିବା, ରକ୍ତଚାପ ନିୟନ୍ତ୍ରଣରେ ନରହିବା, ପାଦ ଝାଳେଇବା ଭଳି ଅନେକ ଲକ୍ଷଣ ଦେଖାଦେଇଥାଏ।

**ସ୍ନାୟୁ:** ଡାଇବେଟିସ୍ ସ୍ନାୟୁକୁ ମଧ୍ୟ କ୍ଷତି ପହଞ୍ଚାଇଥାଏ। ଉଚ୍ଚ ରକ୍ତ ସର୍କରା ଯୋଗୁଁ ସ୍ନାୟୁ କ୍ଷତି ହୋଇଥାଏ। ଫଳରେ ଏହା ଯୋଗୁଁ କୌଣସି ଗରମ କିମ୍ବା ଥଣ୍ଡା ଅନୁଭବ ହୋଇପାରିନଥାଏ। ଏଭଳି ଅନେକ କାରଣ ମଧ୍ୟ ଦେଖାଦେଇଥାଏ।

**ହାର୍ଟ-** ଡାଇବେଟିସ୍ ଉଚ୍ଚ ରକ୍ତ ସର୍କରା ବଢ଼ିବା ଯୋଗୁଁ ହାର୍ଟ ସମସ୍ୟା ବଢ଼ିଥାଏ। ଧମନୀ ପ୍ରଭାବିତ ହୋଇଥାଏ। ହାର୍ଟ ଆଟାକ୍ ଏବଂ ହାର୍ଟ ଷ୍ଟ୍ରୋକ୍ ଭଳି ସମସ୍ୟା ବଢ଼ିଥାଏ।

# ଆହାର ଉପାୟ

**ପ୍ରତି ୧୫ଜଣରେ ୬ଜଣ ଲୋକ ଅନିଦ୍ରା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷଜ୍ଞ କହିଛନ୍ତି, କେତେକ ଦିଗ ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟାରୁ ବର୍ତ୍ତି ହେବ।**



- ରାତ୍ରିଭୋଜନ ୮.୩୦ରୁ ୯ଟା ସୁଦ୍ଧା କରନ୍ତୁ। ଏହା ପରେ ୨୦-୩୦ ମିନିଟ୍ କକ୍ଷ ଭିତରେ ଚଲାବୁଲା କରି ଶେଯକୁ ଯିବା ଉଚିତ। ପ୍ରାଚୀନ କାଳରେ ଲୋକେ ଏଇ ଉପାୟରେ ଜୀବନ ଅତିବାହିତ କରୁଥିଲେ। ଏବେ ମଧ୍ୟ ଗାଁଗହଳିର ଲୋକ ଶୀଘ୍ର ଖାଇପିଇ ଶୋଇବାକୁ ଯାନ୍ତି। ସେଥିପାଇଁ ଅନିଦ୍ରା ସମସ୍ୟା ଗାଁଲୋକଙ୍କ ପାଖେ ଦେଖାଯାଏନି।
- ରାତ୍ରିଭୋଜନର ୧୦ ମିନିଟ୍ ପରେ ଗିଲାସେ ଉଷୁମ ପାଣି ପିଇବା ଅଭ୍ୟାସ କଲେ ଖାଦ୍ୟ ହଜମ ହେବା ସହ ଭଲ ନିଦ ବି ହୁଏ।
- ରାତିବେଳା କଫି, ଚା’, ଆଇସକ୍ରିମ୍ ଖାଇବା-ପିଇବା ଠାରୁ ଦୂରେଇ ରୁହନ୍ତୁ। ଏହା ଶରୀରର ତାପମାତ୍ରାକୁ ପରିବର୍ତ୍ତନ କରେ। ଏଣୁ ନିଦ ହୁଏନି।
- ରାତିବେଳା ଉଷୁମ ପାଣିରେ ପାଦକୁ କିଛି ସମୟ ବୁଡ଼ାଇ ରଖିଲେ ବି ଭଲ ନିଦ ହୁଏ।
- ସ୍ମାର୍ଟଫୋନ୍ ହେଉଛି ଅନିଦ୍ରାର ଅନ୍ୟତମ କାରଣ।
- ରାତି ସମୟରେ କକ୍ଷରେ ଉଜ୍ଜ୍ୱଳ ବତି ଲଗାନ୍ତୁନି। ତା’ କାରଣରୁ ବି ନିଦ ହେବାରେ ବାଧା ଉପୁଜେ।
- ଅନିଦ୍ରା କାରଣରୁ ଅନ୍ୟାନ୍ୟ ରୋଗର ଆରମ୍ଭ ହୁଏ। ଏଣୁ ବେଳହୁଁ ଏହି ସମସ୍ୟାର ସମାଧାନ କରିନେବା ଉଚିତ।

● **ରୋଷଇ**

# ମଲାଇ ମସରୁମ୍

ଆବଶ୍ୟକ ସାମଗ୍ରୀ: କାଜୁ, ଅଦା,ରସୁଣ, ପିଆଜ ପେଷ୍ଟ, ତେଲ, ଗୋଟା ଜିରା, ଗରମ ମସଲା ,ଦହି, ଧନିଆ ପାଉଡର, ଜିରା ପାଉଡର,ମେଥି, ଗୋଲମରିଚ ଗୁଣ୍ଡ, ଲୁଣ, କ୍ରୀମ୍, ମେଥି ପତ୍ର



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କାଜୁ, ଅଦା,ରସୁଣ, ପିଆଜକୁ ପେଷ୍ଟ କରନ୍ତୁ। ମଲାଇ ମଟର ମସରୁମ୍ ତିଆରି କରିବା ପାଇଁ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ ମସରୁମ୍‌କୁ ପକାଇ ଭଲ ଭାବରେ ଭାଜି ଦିଅନ୍ତୁ। ପରେ ଗ୍ରୀନ ମଟରକୁ ଭାଜି ଦିଅନ୍ତୁ। ଏହା ଭାଜି ହେଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ।

ପୁଣି କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଟା ଜିରା, ଗରମ ମସଲା ପକାଇ ଦିଅନ୍ତୁ। ପରେ ସେଥିରେ ପେଷ୍ଟ କରି ରଖିଥିବା କାଜୁ, ଅଦା, ରସୁଣ,ପିଆଜକୁ ପକାଇ କିଛି ସମୟ କଷନ୍ତୁ। ସେଥିରେ ଅଳ୍ପ ଦହି, ଧନିଆ ପାଉଡର, ଜିରା ପାଉଡର, ମେଥି, ଗୋଲମରିଚ ଗୁଣ୍ଡ ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ।

ସେଥିରେ ଭାଜି ରଖିଥିବା ମସରୁମ୍ ଓ ଗ୍ରୀନମଟର ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ କ୍ରୀମ୍ ଓ ଅଳ୍ପ ମେଥି ପତ୍ର ପକାଇ ଅଳ୍ପ ପାଣି ଦେଇ ଢାଙ୍କି ଦିଅନ୍ତୁ। କିଛି ସମୟ ପରେ କରେଇ ତଳକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମଲାଇ ମସରୁମ୍।

# ତ୍ୱଚାକୁ ସୁସ୍ଥ ଓ ଉଜ୍ଜ୍ୱଳ ରଖିବାର ଉପାୟ

**ସମସ୍ତେ ଇଚ୍ଛା କରନ୍ତି ନିଜର ସୁନ୍ଦରତା ବଜାୟ ରଖିବା ପାଇଁ। ଯୁବକ ହୁଅନ୍ତୁ ଅଥବା ଯୁବତୀ ନିଜର ସୌନ୍ଦର୍ଯ୍ୟ ପାଇଁ ବିଭିନ୍ନ ଜିନିଷର ବ୍ୟବହାର କରିଥାଆନ୍ତି। ଶୀତଦିନେ ତ୍ୱଚା ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ। ଏହିଦିନେ ତ୍ୱଚା ଅଧିକ ଶୁଷ୍କ ହେବା ସହ ସୁନ୍ଦରତା ହ୍ରାସ ହେବା ଭଳି ଅନୁଭବ ହୋଇଥାଏ। ତେବେ ଶୀତଦିନେ ତ୍ୱଚାକୁ ସୁନ୍ଦର ଓ ସୁନେଲି ରଙ୍ଗ, ଉଜ୍ଜ୍ୱଳ କରିବା ପାଇଁ କିଛି ଘରୋଇ ଉପାୟ ଆପଣାଇ ତ୍ୱଚାର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବେ ଜାଣନ୍ତୁ....**



- କଫି ଓ ଏଲୋବେରା ତ୍ୱଚା ପାଇଁ ବେଶ ଉପକାରୀ। ତେବେ ଶୀତ ଦିନରେ ଉଭୟକୁ ମିଶାଇ ଏକ ସ୍କ୍ରବ ପ୍ରସ୍ତୁତ କରନ୍ତୁ। ଏକ ଚାମଚ କଫି ଗୁଣ୍ଡରେ ଏକ ଚାମଚ ଏଲୋବେରା ରସ ମିଶାଇ ଏହାକୁ ମୁହଁରେ ଲଗାଇ ୫ ରୁ ୮ ମିନିଟ୍ ଯାଏଁ ରଖି ଧୋଇ ଦିଅନ୍ତୁ। ସପ୍ତାହକୁ ୨ଥର ଏହାକୁ ବ୍ୟବହାର କରିପାରିବେ।
- ସ୍ୱାସ୍ଥ୍ୟ ପାଇଁ ଉପକାରୀ ଓଟସ୍ ତ୍ୱଚା ପାଇଁ ମଧ୍ୟ ଲାଭଦାୟକ। ଏହାର ସ୍କ୍ରବ ପ୍ରସ୍ତୁତ କରିବା ପାଇଁ ୨ ଚାମଚ ଓଟସ୍‌ରେ କିଛି ଗୋଲାପ ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୫ ମିନିଟ ରଖି ମୁହଁ ଧୋଇ ଦିଅନ୍ତୁ।
- ମସୁର ଡାଲିକୁ ରାତି ସାରା ପାଣିରେ ଭିଜାଇ ରଖନ୍ତୁ। ଏହାପରେ ଏଥିରେ କିଛି କ୍ଷୀର ମିଶାଇ ଏହାକୁ ପେଷି ଦିଅନ୍ତୁ। ଏହି ପେଷ୍ଟକୁ ମୁହଁ ଓ ବେକରେ ଲଗାଇ ୧୦ ମିନିଟ୍ ରଖି ଧୋଇ ଦିଅନ୍ତୁ। ଏହା ତ୍ୱଚା ପାଇଁ ଖୁବ ଉପକାରୀ।
- ଅଳ୍ପ କିଛି ପରିମାଣର ବାଦାମକୁ ବତୁରାଇ ପେଷି ଦିଅନ୍ତୁ। ଏଥିରେ ୧ ଚାମଚ ସଜେତ ଦହି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଓ ବେକରେ ଲଗାଇ ୧୦ ମିନିଟ୍ ରଖି ଧୋଇ ଦିଅନ୍ତୁ।
- ଏହି ସମସ୍ତ ଘରୋଇ ଫେସ୍ ପ୍ୟାକ୍ ବ୍ୟବହାର କଲେ ନିଜ ଏହାର ଚମତ୍କାରିତା ଅନୁଭବ କରିବେ। ଏହାର ତ୍ୱଚାର ଶୁଷ୍କପଣ ଦୂର କରି, କୋମଳ କରିବା ସହ ଦାଗ ମଧ୍ୟ ଦୂର କରେ। ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ।

### ଏଣିକି ଗାଡ଼ି ମାଲିକ ସାବଧାନ

# କାଗଜପତ୍ର ନଥିଲେ ଜବତ ହେବ ଗାଡ଼ି



## ଖିଲାପୀ ଅଫିସରଙ୍କ ବିରୁଦ୍ଧରେ ବି ହେବ ଆକ୍ସନ୍

**ଭୁବନେଶ୍ୱର:** ଏଣିକି କେବଳ ଜୋରିମାନା ବା ଚାଲାଣ କାଟି ଆପଣଙ୍କ ଗାଡ଼ିକୁ ଛାଡ଼ି ଦିଆଯିବ ନାହିଁ ବରଂ ସିଧାସଳଖ ଗାଡ଼ିକୁ ଜବତ କରାଯିବ। ଯଦି କୌଣସି ଏନଫୋର୍ସମେଣ୍ଟ ଅଫିସର ଆପଣଙ୍କ ଗାଡ଼ିକୁ କେବଳ ଚାଲାଣ୍ କାଟି ଛାଡ଼ି ଦେବେ, ତାଙ୍କ ବିରୁଦ୍ଧରେ ବି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜ୍ୟର ଗାଡ଼ିଚାଳକ ଓ ମାଲିକମାନେ ସାବଧାନ। ଯଦି ଆପଣଙ୍କ ଗାଡ଼ିର ଆବଶ୍ୟକୀୟ କାଗଜପତ୍ର ନାହିଁ, ତାକୁ ତୁରନ୍ତ ଠିକ୍ କରାଇ ନିଅନ୍ତୁ ନଚେତ୍ ରାସ୍ତାରେ ଗାଡ଼ିକୁ ଚଳାନ୍ତୁ ନାହିଁ। ଏଣିକି କେବଳ ଜୋରିମାନା ବା ଚାଲାଣ କାଟି ଆପଣଙ୍କ ଗାଡ଼ିକୁ ଛାଡ଼ି ଦିଆଯିବ ନାହିଁ ବରଂ ସିଧାସଳଖ ଗାଡ଼ିକୁ ଜବତ କରାଯିବ। ଏପରିକି ଯଦି କୌଣସି ଏନଫୋର୍ସମେଣ୍ଟ ଅଫିସର ଆପଣଙ୍କ ଗାଡ଼ିକୁ କେବଳ ଚାଲାଣ୍ କାଟି ଛାଡ଼ି ଦେବେ, ତାଙ୍କ ବିରୁଦ୍ଧରେ ବି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି କିଛି ଢଙ୍ଗରେ ଚେତାବନୀ ଜାରି କରିଛନ୍ତି ରାଜ୍ୟ ପରିବହନ କମିଶନର।

ରାଜ୍ୟ(ଓଡ଼ିଶା) ପରିବହନ କମିଶନର ଜୁଲାଇ ୬ତାରିଖରେ ଜାରି କରିଥିବା ସର୍କୁଲାରରେ ୧୫ଟି ପ୍ରମୁଖ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଚାଲାଣ କାଟି ଛାଡ଼ି ଦିଆଯାଉଥିବାରୁ ଏଭଳି କଡ଼ା ନିର୍ଦ୍ଦେଶନାମା ଜାରି ହୋଇଛି। ଗତ ଏପ୍ରିଲ ୧ରୁ ଜୁନ୍ ୩୦ତାରିଖ ମଧ୍ୟରେ ୧ଲକ୍ଷ ୬୪ହଜାର ୮୮୨ଟି ଚାଲାଣ କଟାଯାଇଥିବାବେଳେ ଏହି ଅବଧି ମଧ୍ୟରେ ମାତ୍ର ୪୨୮ଟି ଗାଡ଼ିକୁ ଜବତ କରାଯାଇଛି। ସମୀକ୍ଷାବେଳେ ଏହା ଜଣାପଡ଼ିବା ପରେ କାଗଜପତ୍ର ନଥିବା ଗାଡ଼ିକୁ କେବଳ ଜୋରିମାନା ଦେଇ ଛାଡ଼ିଦେବା ପରିବର୍ତ୍ତେ ମୋଟରଯାନ ଆଇନ ଅନୁସାରେ ଜବତ କରିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବିଶେଷକରି ଜୁଲାଇ ୩ତାରିଖରେ ବାରିପଦା ଟାଉନ ଥାନା ଅଂଚଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଫିଟନେସ୍, ପରମିଟ, ବୀମା ନଥିବା ଗାଡ଼ି ସାମିଲ ହୋଇଥିବା ଜଣାପଡ଼ିବା ପରେ ସରକାର ଏଭଳି କଠୋର ନିଷ୍ପତ୍ତି ନେଇଛନ୍ତି। ଏଭଳି ବେଆଇନ ଗାଡ଼ି ଯୋଗୁ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତି ଓ ସେମାନଙ୍କ ପରିବାର ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପରମଜିତ୍ ଭାସିନ୍ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ ଆଧାର ପରିବହନ କମିଶନର ସ୍ପଷ୍ଟ କରିଛନ୍ତି ଯେ, ଜୋରିମାନା ଆଦାୟ କରିବା ଦ୍ୱାରା କେବଳ ପୁରୁଣା ଅପରାଧର ସମାଧାନ ହୁଏ କିନ୍ତୁ ଏହା କୌଣସି ଚାଲୁ ରହିଥିବା ଆଇନଗତ ଉଲ୍ଲଂଘନକୁ ବୈଧତା ପ୍ରଦାନ କରେ ନାହିଁ।

ତେଣୁ ଏଣିକି ଯଦି କୌଣସି ଗାଡ଼ି ଚାଳକଙ୍କ ବୈଧ ଡ୍ରାଇଭିଂ ଲାଇସେନ୍ସ ନଥାଏ ଓ ପଞ୍ଜିକରଣ ପ୍ରମାଣପତ୍ର କିମ୍ବା ପରମିଟ୍ ନିୟମ ଉଲ୍ଲଂଘନ କରି ଗାଡ଼ି ଚାଲୁଥିବା ଧରାପଡ଼େ, ତେବେ ମୋଟର ଯାନ ଆକ୍ଟର ଧାରା ୨୦୭ ଅନୁଯାୟୀ ତାହାକୁ ତୁରନ୍ତ ଜବତ କରାଯିବ। ପରିବହନ ଗାଡ଼ିଗୁଡ଼ିକ କ୍ଷେତ୍ରରେ ଫିଟନେସ ସାର୍ଟିଫିକେଟ୍ ନଥିଲେ ମୋଟର ଯାନ ଆକ୍ଟର ଧାରା ୫୬ ଅନୁଯାୟୀ ଗାଡ଼ିର ପଞ୍ଜିକରଣକୁ ସମ୍ପୂର୍ଣ୍ଣ ଅବୈଧ ବୋଲି ଧରାଯିବ ଓ ଆରଟିଓଙ୍କ ଦ୍ୱାରା ଆରସି କିମ୍ବା ପରମିଟ୍ ନିଲମ୍ବନ ଓ ବାତିଲ ପ୍ରକ୍ରିୟା ଆରମ୍ଭ କରାଯିବ।

ଏହା ସହିତ ଇ-ଚାଲାଣ ଓ ବାରମ୍ବାର ନିୟମ ଭାଙ୍ଗୁଥିବା ଗାଡ଼ିଗୁଡ଼ିକର ଏକ ସ୍ୱତନ୍ତ୍ର ତାଲିକା ବାହାନ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରି ସେଗୁଡ଼ିକୁ ରାସ୍ତାରେ ଧରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍, ଟୋଲ୍ ପ୍ଲାଜା ତଥ୍ୟ ଓ ପୁଲିସ ସହାୟତାରେ ଜବତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାଲିକାନା ବଦଳିବା ପରେ ମଧ୍ୟ ପରମିଟ୍ ବଦଳାଯାଇ ନଥିବା ଗାଡ଼ିଗୁଡ଼ିକୁ ମଧ୍ୟ ଚଳାଇବାକୁ ଅନୁମତି ଦିଆଯିବ ନାହିଁ। ଜବତ କରାଯାଇଥିବା ଗାଡ଼ିକୁ କୌଣସି ପରିସ୍ଥିତିରେ ମଧ୍ୟ ମୌଖିକ ଭାବେ କିମ୍ବା କେବଳ ଜରିମାନା ରସିଦ ଦେଖାଇ ଛଡ଼ାଯାଇପାରିବ ନାହିଁ। ସମସ୍ତ ବୈଧ କାଗଜପତ୍ର, ବୀମା, ଟ୍ୟାକ୍ସ ପୈଠ ଓ ଗାଡ଼ିର ଯାନ୍ତ୍ରିକ ସୁରକ୍ଷା ଯାଂଚ ପରେ ହିଁ ଲିଖିତ ଆଦେଶ ଜାରି କରି ଗାଡ଼ି ଛଡ଼ାଯିବ ବୋଲି ପରିବହନ କମିଶନର ସ୍ପଷ୍ଟ କରିଛନ୍ତି। ଏହି ସମସ୍ତ ବ୍ୟବସ୍ଥାର ସମୀକ୍ଷା ପାଇଁ ସବୁ ପରିବହନ ଡେପୁଟି କମିଶନରଙ୍କୁ ନିଜ ଜୋନରୁ ବିଗତ ୩ମାସର ଆକ୍ସନ ଟେକେନ୍ ରିପୋର୍ଟକୁ ୧୫ଦିନ ମଧ୍ୟରେ ଦାଖଲ କରିବା ଏବଂ ସମସ୍ତ ଆରଟିଓଙ୍କୁ ପ୍ରତି ସପ୍ତାହରେ ଅନୁପାଳନ ରିପୋର୍ଟ ଦାଖଲ ବାଧ୍ୟତାମୂଳକ କରାଯାଇଛି। ଏହି ନିର୍ଦ୍ଦେଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମଧ୍ୟ ପରିବହନ ବିଭାଗ ନିର୍ଦ୍ଦେଶ ଦେଇଛି।




### ବେଆଇନ ବାଲି ଉତ୍ତୋଳନ ରୋକିବା ମାମଲା

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ୍ ତଲବ

**କଟକ:** ବେଆଇନ ବାଲି ଉତ୍ତୋଳନ ରୋକିବାକୁ କି ପଦକ୍ଷେପ ନିଆଯାଇଛି ସେ ସଂକ୍ରାନ୍ତରେ ବିସ୍ତୃତ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁରୀ ଜିଲ୍ଲାର ପିପିଲି ତହସିଲ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମବାସୀଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୮ ଜୁଲାଇ ୨୦୨୬ରେ ହେବ। ଗୋବର୍ଦ୍ଧନପୁର ନିକଟ ଦୟାନଦୀରୁ କିଛି ଅସାମାଜିକ ଓ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ବାଲି ଉତ୍ତୋଳନ ଏବଂ ପରିବହନ କରୁଛନ୍ତି। ଏନେଇ ପ୍ରଭାବିତ ଗ୍ରାମବାସୀ ୨୦୨୫ ଡିସେମ୍ବର ୨୬ ତାରିଖରେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ବି ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଦୟାନଦୀ ଉପରେ ନିର୍ମିତ ବିଜୁ ସେତୁ ନିକଟରେ ବେଆଇନ ବାଲି ଉତ୍ତୋଳନ ଜାରି ରହିଲେ ନଦୀବନ୍ଧ ଦୁର୍ବଳ ହେବା ସହ ସେତୁର ଭିତ୍ତିଭୂମି କ୍ଷତିଗ୍ରସ୍ତ ହେବ। ଯଦ୍ୱାରା ଜନସାଧାରଣଙ୍କ ସୁରକ୍ଷା ପ୍ରତି ଗୁରୁତର ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଗତ ଜୁନ ୩୦ରେ ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଉପସ୍ଥିତ ଅତିରିକ୍ତ ସରକାରୀ ଓକିଲ ନ୍ୟାୟାଳୟଙ୍କୁ ଜଣାଇଥିଲେ ଯେ ବେଆଇନ ବାଲି ଉତ୍ତୋଳନରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ପଦକ୍ଷେପ ଆରମ୍ଭ ହୋଇଛି। ସମଗ୍ର ରାଜ୍ୟରେ ବେଆଇନ ବାଲି ଉତ୍ତୋଳନକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆଇନ ଅନୁଯାୟୀ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସରକାରଙ୍କ ଏହି ଉପସ୍ଥାପନକୁ ଗୁରୁତ୍ୱର ସହ ବିଚାର କରି ଯୁଗ୍ମ ଖଣ୍ଡପୀଠ ମତ ପ୍ରକାଶ କରିଥିଲେ ଯେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୌଣସି ବ୍ୟକ୍ତିଙ୍କୁ ବେଆଇନ ବାଲି ଉତ୍ତୋଳନ କରିବାକୁ କଦାପି ଅନୁମତି ଦିଆଯାଇପାରିବ ନାହିଁ। ତେଣୁ ସମଗ୍ର ଓଡ଼ିଶାରେ

# ସ୍କୁଲ୍‌କୁ ଜମି ହସ୍ତାନ୍ତରରେ ବିଳମ୍ବ: ମାର୍ଚ୍ଚ ସୁଦ୍ଧା ନିର୍ମାଣ ହେବ ୨୨୦୦ ସ୍କୁଲ

ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ହିଁ ନାମଲେଖା ସମୟରେ ଛାତ୍ରଛାତ୍ରୀଙ୍କଠୁ କୌଣସି ପ୍ରକାରର ଆଡମିଶନ ଫି’ ନନେବା ପାଇଁ ସମସ୍ତ କ୍ଷେତ୍ରୀୟ ଅଧିକାରୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଅନଲାଇନ୍ ନାମଲେଖା ପୋର୍ଟାଲ ‘ସାମସ୍’ରେ ତୁରନ୍ତ ବୈଷୟିକ ପରିବର୍ତ୍ତନ କରିବାକୁ କୁହାଯାଇଛି। ରାଜ୍ୟର ବିଜେପି ସରକାରଙ୍କ ‘ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ’ ଫ୍ଲାଗସିପ୍ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ସ୍କୁଲ ନିର୍ମାଣ ହେବ। ଏନେଇ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୨୦୦କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ କରିଛନ୍ତି ଓ ୨୦୨୭ ମାର୍ଚ୍ଚ ସୁଦ୍ଧା ଏହି ସ୍କୁଲଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତେବେ ସ୍କୁଲଗୁଡ଼ିକ ପାଇଁ ଜମି ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟାରେ ବିଳମ୍ବକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷୁବ୍ଧ ହୋଇଛନ୍ତି।

ଉଚ୍ଚସ୍ତରୀୟ ବୈଠକରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ ଯୋଜନାର ସମୀକ୍ଷାବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଜମି ପାଇବାରେ କିଛି ସମସ୍ୟା ଥାଇପାରେ। କିନ୍ତୁ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ଜମି ମିଳିବାରେ କୌଣସି ଅସୁବିଧା ହେବା କଥା ନୁହେଁ। ସ୍କୁଲର ମେଗା କ୍ୟାମ୍ପସ ନିର୍ମାଣ ପାଇଁ ୫ଏକର ଜମିର ଆବଶ୍ୟକତା ରହିଛି। ପଂଚାୟତ ମଧ୍ୟରେ ଏହି ଗ୍ରୀନ ଫିଲଡ୍ ପ୍ରକଳ୍ପ ପାଇଁ ୫ଏକର ଜମି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଯେଉଁ ସ୍କୁଲଗୁଡ଼ିକରେ ୫ଏକରରୁ କମ୍ ଜମି ଥିବ ସେଠାରେ ସ୍କୁଲକୁ ଲାଗି ରହିଥିବା ସରକାରୀ କିମ୍ବା ବେସରକାରୀ ଜମିକୁ କିଣି ବ୍ୟବହାର କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଏହି ଫ୍ଲାଗସିପ୍ ଯୋଜନାରେ ମୋଟ ୭ହଜାର ଆଦର୍ଶ ପ୍ରାଥମିକ ସ୍କୁଲ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ୨୨୦୦ଟି ସ୍କୁଲ ନିର୍ମାଣ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ସମୟସୀମା ଧାର୍ଯ୍ୟ କରିଛନ୍ତି। ଏହି ପ୍ରକଳ୍ପର ସଫଳତା ପାଇଁ ଜିଲ୍ଲାପାଳମାନଙ୍କ ଆନ୍ତରିକତା ଓ ସହଯୋଗ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିବା ସହ ସମସ୍ତେ ଏହାକୁ ଗୁରୁତ୍ୱର ସହ ନେଇ ଧାର୍ଯ୍ୟ ଟାର୍ଗେଟ୍ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍କୁଲ ନିର୍ମାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିର ତଦାରଖ ଜିଲ୍ଲାପାଳମାନେ ପ୍ରତି ସପ୍ତାହରେ କରିବେ ଓ ସାପ୍ତାହିକ ରିପୋର୍ଟ ମଧ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ପଠାଇବେ। ଉଗ ଗକ୍ଷବଭ ଉଷବକ୍ୱବଭ ଗବହଷସ ନିଜେ ପ୍ରତି ମାସରେ ଏହାର ସମୀକ୍ଷା କରିବେ। ଜମି ସମସ୍ୟା ଥିଲେ ସ୍ଥାନୀୟ ବିଧାୟକମାନଙ୍କ ସହଯୋଗ ଲୋଡ଼ିବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚମାଧ୍ୟମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି ଯୋଜନାରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ପାଠପଢ଼ା ଚଳିତ ଶିକ୍ଷାବର୍ଷରୁ ହେବ ବୋଲି ସୂଚନା ଦିଆଯିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଏହି ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟର ଅନଲାଇନ୍ ନାମଲେଖା ପୋର୍ଟାଲ ‘ସାମସ୍’ରେ ତୁରନ୍ତ ଆବଶ୍ୟକୀୟ ବୈଷୟିକ ପରିବର୍ତ୍ତନ କରିବାକୁ କୁହାଯାଇଛି। ଯେପରି କୌଣସି ପିଲାଙ୍କଠୁ ସିଷ୍ଟମ ଅନୁସାରେ ମଧ୍ୟ ଭୁଲରେ ଫି’ ଆଦାୟ ନହୁଏ ତାହା ସୁନିଶ୍ଚିତ କରିବେ। ସେହିପରି ସରକାରୀ ସ୍କୁଲ ସମେତ ସମସ୍ତ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ସ୍କୁଲ ସମେତ ୪୮୮ ଓ ୬୬୨ ବର୍ଗର ସମସ୍ତ ସହାୟତାପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ମଧ୍ୟ ଏହି ଫି’ ଛାଡ଼ ପରିସରଭୁକ୍ତ କରାଯାଇଛି। ଚଳିତ ଶିକ୍ଷାବର୍ଷରୁ ହିଁ ବାସ୍ତବରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ପାଠପଢ଼ା କାର୍ଯ୍ୟକାରୀ ହେବାକୁ ଯାଉଛି।

# ରଥଯାତ୍ରାରେର ଅଧିକ ‘କର୍ଡନ ପାସ୍’ ଦିଅନି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ନିୟମ ଅନୁସାରେ ଯେତିକି କର୍ଡନ ପାସ୍ ଦରକାର କେବଳ ସେତିକି ହିଁ ଜାରି କରାଯାଉ। ଗୋଟିଏ ବି ଅଧିକ କର୍ଡନ ପାସ୍ ଦିଆନଯାଉ। କେବଳ ମହାପ୍ରଭୁଙ୍କ ନିତିକାନ୍ତି ସହ ସମ୍ପୃକ୍ତ ସେବକ ଓ ନିୟୋଜିତ ଅଧିକାରୀମାନଙ୍କ ବ୍ୟତୀତ ଅନ୍ୟ କୌଣସି ବାହାରର ବ୍ୟକ୍ତିଙ୍କୁ ଏହି ପାସ୍ ମିଳିବ ନାହିଁ।” ଆଜି ଏମିତି ଢଙ୍ଗରେ ରଥଯାତ୍ରାର ଚୂଡ଼ାନ୍ତ ତଥା ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରଥଯାତ୍ରା କେବଳ ପୁରୀ କିମ୍ବା ଓଡ଼ିଶାର ନୁହେଁ, ବରଂ ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କ ପାଇଁ ଏକ ଅତ୍ୟନ୍ତ ପବିତ୍ର ଓ ଭାବପୂର୍ଣ୍ଣ ଉତ୍ସବ ହୋଇଥିବାରୁ ଏହା ଉପରେ ସମଗ୍ର ବିଶ୍ୱର ନଜର ରହିଛି। ତେଣୁ ମହାପ୍ରଭୁଙ୍କ ରଥଯାତ୍ରାକୁ ସଫଳ କରିବା ପାଇଁ ସମସ୍ତ ବିଭାଗ ଓ ବରିଷ୍ଠ ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସମର୍ପଣ ଭାବନା ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

ସୋମବାର ପୁରୀ ଟାଉନ ହଲ୍ ଠାରେ ଆୟୋଜିତ ଏହି ବୈଠକରେ ପୂର୍ବ ବର୍ଷଗୁଡ଼ିକର ଭୁଲକୁ ସୁଧାରିବା ସହ ଶୃଙ୍ଖଳିତ ନିତିକାନ୍ତି ଉପରେ ମୁଖ୍ୟମନ୍ତ୍ରୀ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବେ କହିଛନ୍ତି ଯେ,କେବଳ ମହାପ୍ରଭୁଙ୍କ ନିତିକାନ୍ତି ସହ ସମ୍ପୃକ୍ତ ଥିବା ସେବକ, ନିୟୋଜିତ ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କୌଣସି ବାହାର ବ୍ୟକ୍ତିଙ୍କୁ ଏହି ପାସ୍ ମିଳିବ ନାହିଁ। ଯଦି କୌଣସି ଅନଧିକୃତ ବ୍ୟକ୍ତି କିମ୍ବା ବାହାର ବ୍ୟକ୍ତି କର୍ଡନ ଭିତରେ ପ୍ରବେଶ କରିଥିବେ ତାଙ୍କୁ ସସମ୍ମାନେ କର୍ଡନରୁ ବାହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା- ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ ସମ୍ପୃକ୍ତ ବଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକ ବନ୍ଧୁମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ। ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ। ଏକ ସୁରକ୍ଷିତ ରଥଯାତ୍ରା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ଏହା ଆମ



ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ସମସ୍ତ ଅଧିକାରୀ ନିଜ ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ ମହାପ୍ରଭୁଙ୍କ ଆଦେଶ ମନେ କରି ସେବା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁରକ୍ଷା ଓ ଭିଡ଼ ପରିଚାଳନା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଗତ ଦୁଇ ବର୍ଷରେ ଯେଉଁ ଅଭିଜ୍ଞତା ମିଳିଛି ସେସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟର ଉପଯୁକ୍ତ ମନିଟରିଙ୍ଗ୍ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ମହାପ୍ରଭୁଙ୍କ ସେବକମାନେ ସମୟାନୁବର୍ତ୍ତିତାର ସହ ସମସ୍ତ ନୀତିକାନ୍ତି ସମ୍ପନ୍ନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଥିଲେ।

ସଚେତନତା ପାଇଁ ବିଭିନ୍ନ ଗଣମାଧ୍ୟମ, ଡାକବାଜି ଯନ୍ତ୍ର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ନୀତିକାନ୍ତି, ଅନ୍ୟାନ୍ୟ ସେବା, ଟ୍ରାଫିକ ଚଳାଚଳର ସଦ୍ୟତମ ସ୍ଥିତି ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ଏଫ୍.ଏମ୍ ରେଡିଓ, ସାମାଜିକ ଗଣମାଧ୍ୟମ, ବିଭାଗୀୟ ୱେବ୍‌ସାଇଟ ତଥା ଟେଲିଭିଜନ ମାଧ୍ୟମରେ ପ୍ରଦାନ କରାଗଲେ ଅନେକ ସମସ୍ୟାକୁ ଏଡ଼ାଇ ହେବ ବୋଲି ସେ କହିଥିଲେ। ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡ଼ା ନଜର ରଖି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ହେଉଛନ୍ତି ଭାବର ଠାକୁର। ସେହି ଭାବର ସମ୍ପର୍କକୁ ସମ୍ମାନ ଦେଇ ସମସ୍ତେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କଲେ ରଥଯାତ୍ରା ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ। ସେ କହିଥିଲେ ଯେ, ସମସ୍ତ ଭକ୍ତ ଯେପରି ଏକ ସୁଖଦ ଆଧ୍ୟାତ୍ମିକ ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ, ସେଥିରେ ଆମ ସମସ୍ତଙ୍କର ସଫଳତା ଓ ଆମ ସମସ୍ତଙ୍କର ପୁଣ୍ୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ‘ରୂପରେଖ- ରଥଯାତ୍ରା ୨୦୨୬’ ପୁସ୍ତିକାର ଉନ୍ମୋଚନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥବିରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ଓ ନଗର ଉନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ପୁରୀ ସାଂସଦ ସମ୍ବିତ ପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଡିଜିପି ୱାଇ. ବି. ଖୁରାନିଆ, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ, କେନ୍ଦ୍ରାଞ୍ଚଳ ରାଜସ୍ୱ ନିରୀକ୍ଷକ ସୁଧାଂଶୁ ମୋହନ ସାମଲ, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅମିତାଭ ଠାକୁର, ପୁରୀ ମହାନଗର ନିଗମ କମିଶନର ଅରୁଗୁଳା ସ୍ନେହା, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୁରୀ ଏସପି ପ୍ରତୀକ ସିଂ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସାମଗ୍ରିକ ପ୍ରସ୍ତୁତିର ବିବରଣୀ ପ୍ରଦାନ କରିଥିଲେ ଏବଂ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ସୁରକ୍ଷା ସମ୍ପର୍କିତ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ ସହ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଏକତା ଓ ପ୍ରଗତି ପାଇଁ ସମର୍ପିତ ଜୀବନ: ମୋଦିଙ୍କ ସମ୍ପାଦକୀୟ କଲମରୁ

ଡକ୍ଟର ମୁଖାର୍ଜୀଙ୍କ ମାନବୀୟ କାର୍ଯ୍ୟ ମଧ୍ୟ ଅସାଧାରଣ ଥିଲା। ୧୯୪୩ ମସିହାରେ ବଙ୍ଗରେ ସବୁଠାରୁ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିବା ସମୟରେ ସେ ପ୍ରଭାବିତ ଲୋକଙ୍କ ସେବା କରିବାରେ ନିଜକୁ ଉତ୍ସର୍ଗ କରିଥିଲେ। ଲୋକମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅନେକ କ୍ୟାଣ୍ଟିନ୍ ଓ ରିଲିଫ୍ କେନ୍ଦ୍ର ଖୋଲିବାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

ରାଷ୍ଟ୍ରବାଦ ଓ ନିଃସ୍ୱାର୍ଥ ସେବାର ଆଦର୍ଶରେ ବିଶ୍ୱାସ କରୁଥିବା ଅଗଣିତ ଲୋକଙ୍କ ପାଇଁ ୬ ଜୁଲାଇର ବିଶେଷ ମହତ୍ତ୍ୱ ରହିଛି। ଆମେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ କରୁଛେ। ତାଙ୍କ ଜୀବନ ସାହସ ଏବଂ ମା' ଭାରତୀ ପ୍ରତି ଅତୁଟ ସମର୍ପଣର ଏକ ଚିରସ୍ଥାୟୀ ଉଦାହରଣ ହୋଇ ରହିଛି। ଆଧୁନିକ ଭାରତରେ ଏପରି ନେତା ବିରଳ ଯାହାଙ୍କ ଠାରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଭଳି ବୁଦ୍ଧିମତ୍ତା, ଜନସେବା ଓ ନୈତିକ ଦୃଢ଼ତାର ଏତେ ଗଭୀର ସଂଗମ ଦେଖିବାକୁ ମିଳୁଥିବ। ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଏପରି ଏକ ପରିସ୍ଥିତିରେ ଜନ୍ମଗ୍ରହଣ କରିଥିଲେ ଯେଉଁଠି ସେ ଚାହିଁଥିଲେ ସୁରକ୍ଷିତ ଓ ଆରାମଦାୟକ ଜୀବନଯାପନ ଅତିବାହିତ କରିପାରିଥାନ୍ତେ। ତାଙ୍କ ପିତା ସାର୍ ଆଶୁତୋଷ ମୁଖାର୍ଜୀ ତତ୍କାଳୀନ ସମୟର ଜଣେ ଅଗ୍ରଣୀ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଥିଲେ। ଭାଗ୍ୟ ତାଙ୍କ ଆଗରେ ବିଶେଷାଧିକାରର ମାର୍ଗ ରଖିଥିଲେ ମଧ୍ୟ ତାଙ୍କର ଅନ୍ତରାତ୍ମା ତାଙ୍କୁ ବଳିଦାନ ଓ ରାଷ୍ଟ୍ର ସେବା ଦିଗରେ ଆଗେଇ ନେଇଥିଲା। ଉପନିବେଶବାଦ, ସାମ୍ପ୍ରଦାୟିକତା, ମାନବୀୟ ଆହ୍ୱାନ ହେଉ କିମ୍ବା ଅନ୍ୟ କୌଣସି ସମସ୍ୟା, ନିଜ ସମୟର ଅସ୍ଥିରତାକୁ ଦେଖି ସେ କେବଳ ଜଣେ ମୂକ ଦର୍ଶକ ସାଜିପାରିବେ ନାହିଁ ବୋଲି ତାଙ୍କ ମନରେ ବିଶ୍ୱାସ ଦୃଢ଼ ହୋଇଥିଲା। ଏହି ଯାତ୍ରା ସମୟରେ ତାଙ୍କୁ ଗୁରୁତର ବ୍ୟକ୍ତିଗତ ଦୁଃଖର ସାମ୍ନା କରିବାକୁ ପଡ଼ିଥିଲା। ପ୍ରଥମେ ତାଙ୍କର ନବଜାତ ଶିଶୁ ଏବଂ ପରେ ତାଙ୍କ ପତ୍ନୀ ପ୍ରାଣ ହରାଇଥିଲେ। କିନ୍ତୁ ଏହି ସବୁ ବ୍ୟକ୍ତିଗତ ଧକ୍କା ତାଙ୍କର ସଂକଳ୍ପକୁ ଆହୁରି ଗଭୀର କରିଥିଲା ଏବଂ ସେବା ପ୍ରତି ତାଙ୍କର ଅତୁଟ ପ୍ରତିବଦ୍ଧତାକୁ ଅଧିକ ମଜଭୁତ କରିଥିଲା। ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସାର୍ବଜନୀନ ଜୀବନକୁ ପରିଭାଷିତ କରିଥିବା ଏକମାତ୍ର ଆଦର୍ଶ ଥିଲା ଭାରତର ଅଖଣ୍ଡତା। ବିଭାଜନର ଅସ୍ଥିରତାପୂର୍ଣ୍ଣ ସମୟରେ ସେ ଦୃଢ଼ତାର ସହ ଛିଡ଼ା ହୋଇଥିଲେ, ଯାହାଫଳରେ ପଶ୍ଚିମବଙ୍ଗ ଭାରତର ଅଭିନ୍ନ ଅଙ୍ଗ ହୋଇରହିବା ସୁନିଶ୍ଚିତ ହୋଇଥିଲା। କିଛି ବର୍ଷ ପରେ ଏହି ଦୃଢ଼ ବିଶ୍ୱାସ ତାଙ୍କୁ ଜାମ୍ମୁ-କାଶ୍ମୀର ଆଡ଼କୁ ଆଗେଇ ନେଇଥିଲା। ଜେଲରେ ବନ୍ଦୀ ହେବା ସତ୍ତ୍ୱେ ତାଙ୍କର ଦୃଢ଼ ସଂକଳ୍ପ ଅତୁଟ ରହିଥିଲା ଏବଂ ନିସଂଗତା ତାଙ୍କର ମନୋବଳକୁ ଭାଙ୍ଗି ପାରି ନଥିଲା। କାରାବାସରେ ହିଁ ତାଙ୍କର ଜୀବନ ଦୀପ ଅକସ୍ମାତ୍ ଲିଭି ଯାଇଥିଲା। ଶେଷ ସମୟରେ ଡକ୍ଟର ମୁଖାର୍ଜୀ ସେହି ଅଗଣିତ ଲୋକଙ୍କ ଠାରୁ ଦୂରରେ ଥିଲେ ଯେଉଁମାନଙ୍କ ଲକ୍ଷ୍ୟକୁ ସେ ଆପଣାଇ ନେଇଥିଲେ। ଇତିହାସରେ ଏପରି ମୁହୂର୍ତ୍ତ ଆସିଥାଏ ଯେତେବେଳେ କୌଣସି ବ୍ୟକ୍ତିଙ୍କର ଅନ୍ତିମ ବଳିଦାନ ରାଜନୀତି ଠାରୁ ଊର୍ଦ୍ଧ୍ୱକୁ ଯାଇ ରାଷ୍ଟ୍ରୀୟ ସ୍ମୃତିର ଏକ ଅଂଶବିଶେଷ ପାଲଟିଯାଏ। ଡକ୍ଟର ମୁଖାର୍ଜୀଙ୍କ ଅନ୍ତିମ ଯାତ୍ରା ମଧ୍ୟ ଏପରି ଏକ ମୁହୂର୍ତ୍ତ। ଆଚାର୍ଯ୍ୟ ବିନୋବା ଭାବେ କହିଥିଲେ, ''ଡକ୍ଟର ମୁଖାର୍ଜୀ ସେହି ଲକ୍ଷ୍ୟ ପାଇଁ ନିଜର ବଳିଦାନ ଦେଇଥିଲେ ଯେଉଁଥିରେ ତାଙ୍କର ବିଶ୍ୱାସ ରହିଥିଲା।''

# ଭାରତୀୟ କୃଷି ଉତ୍ପାଦନ ଉପରେ ମଧ୍ୟପ୍ରାଚ୍ୟ ସଙ୍କଟର ପ୍ରଭାବ

**ଡ. ରୀନା ରାଉତରାୟ, ପରିବେଶ ବିଜ୍ଞାନୀ**

ସୁପର୍ ଏଲ୍ ନିନୋ କାରଣରୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ, ମଧ୍ୟପ୍ରାଚ୍ୟ ସଙ୍କଟ ଯେ କେବଳ ଶକ୍ତି ଯୋଗାଣ ଶୃଙ୍ଖଳକୁ ବିପର୍ଯ୍ୟସ୍ତ କରିଛି, ତାହା ନୁହେଁ; ଏହା ମଧ୍ୟ ଭାରତ ସମେତ ସମଗ୍ର ବିଶ୍ୱରେ ରାସାୟନିକ ସାର ଯୋଗାଣ ଶୃଙ୍ଖଳକୁ ବିପର୍ଯ୍ୟସ୍ତ କରିଛି ଓ ଫଳରେ, ଚାଷ ଖର୍ଚ୍ଚ ବୃଦ୍ଧି ହୋଇଛି, ଶସ୍ୟ ଉତ୍ପାଦନ କମିଛି, ସାର ଉପରେ ସବସିଡି ଦେବାକୁ ଚାପ ପଡୁଛି ଏବଂ ଭାରତରେ ଖାଦ୍ୟ ମୁଦ୍ରାସ୍ଫୀତି ଉପରେ ବିପଦ ବୃଦ୍ଧି କରୁଛି ଓ

ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ - ବିଶେଷକରି ଇରାନ ଏବଂ ହରମୁଜ ପ୍ରଣାଳୀରେ ଅଶୋଧିତ ତୈଳ ଏବଂ ପଣ୍ୟବାହୀ ଜାହଜ ଚଳାଚଳ ଉପରେ ବାଧା ସୃଷ୍ଟି କାରଣରୁ ଯେଉଁ ଭୂରାଜନୈତିକ ସମସ୍ୟା ସୃଷ୍ଟି ହୋଇଛି, ତାହାକୁ ବିଶ୍ୱ ଖାଦ୍ୟ ଏବଂ ଶକ୍ତି ବ୍ୟବସ୍ଥା ଉପରେ ପ୍ରଚଣ୍ଡ ଆଘାତ ବୋଲି କହିହେବ । ଭାରତ ଭଳି ରାସାୟନିକ ସାର ଏବଂ ଅଶୋଧିତ ତୈଳ ଆମଦାନୀ ଉପରେ ଅତ୍ୟଧିକ ନିର୍ଭରଶୀଳ କୃଷି-ଅର୍ଥନୀତି ସମ୍ପନ୍ନ ରାଷ୍ଟ୍ର ପାଇଁ, ଏହାର ପ୍ରଭାବ ବହୁ ଅଧିକ । ଏହି ସଂଘର୍ଷ ବର୍ତ୍ତମାନ ସ୍ଥଗିତ ରହିଥିଲେ ବି, ଉତ୍ତେଜନା କମୁ ନଥିବାରୁ, ବୃଦ୍ଧି ପାଉଥିବା ପରିବହନ ଖର୍ଚ୍ଚ, ବିପର୍ଯ୍ୟସ୍ତ ଯୋଗାଣ ଶୃଙ୍ଖଳ, ଆର୍ଥିକ ଚାପ ଏବଂ ମୁଦ୍ରାସ୍ଫୀତି ବଢିଛି ଓ ଯଦି ଏହି ସଙ୍କଟ ଜାରି ରହେ, ତେବେ ବିପଦ ତୀବ୍ରତର ହେବାର ଆଶଙ୍କା କରାଯାଉଛି ।

ଉପସାଗର ଅଞ୍ଚଳରୁ ଆମଦାନୀ କରାଯାଉଥିବା ବିଭିନ୍ନ ପ୍ରକାର ଯବକ୍ଷାରଜାନ ଜାତୀୟ ସାର, ବିଶେଷକରି ପ୍ରାକୃତିକ ଗ୍ୟାସ ଉପରେ ନିର୍ଭରଶୀଳ ଯବକ୍ଷାରଜାନ-ଆଧାରିତ ୟୁରିଆସାର ଉପରେ ଭାରତର ନିର୍ଭରଶୀଳତା ରହିଛି। ଇରାନର ହର୍ମୁଜ୍ ପ୍ରଣାଳୀ ଭୂରାଜନୈତିକ ଉତ୍ତେଜନା ଏବଂ ସାମୁଦ୍ରିକ ସୁରକ୍ଷା ଦୃଷ୍ଟିରୁ ବିପଦର ସମ୍ମୁଖୀନ ହେଉଥିବା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଓ ଏହି ହର୍ମୁଜ୍ ପ୍ରଣାଳୀ ଦେଇ ଭାରତ, ଅଶୋଧିତ ତୈଳ, ତରଳୀକୃତ ପ୍ରାକୃତିକ ବାଷ୍ପ (ଏଲଏନଜି), ୟୁରିଆ ଏବଂ ଆମୋନିଆ ସାର ଆମଦାନି କରିଥାଏ । ଏହିସବୁ ମାଲ୍ ପରିବହନରେ ମଧ୍ୟପ୍ରାଚ୍ୟ ଉତ୍ତେଜନା ବାଧା ଏବଂ ସୁରକ୍ଷା ପ୍ରତି ବିପଦ ବୃଦ୍ଧି କରିଛି, ମାଲ ପରିବହନ ଖର୍ଚ୍ଚକୁ ବୃଦ୍ଧି କରିଛି, ବୀମା ଦେୟ ବଢାଇଛି ଏବଂ ବିଶ୍ୱ ବଜାରକୁ ପ୍ରଭାବିତ କରିଛି।

ଭାରତ ବାର୍ଷିକ ପ୍ରାୟ ୪ କୋଟି ଟନ୍ ୟୁରିଆସାର ବ୍ୟବହାର କରେ ଓ ଚୀନ୍ ପରେ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ସାର ଆମଦାନିକାରୀ ଦେଶ ହୋଇଥିବାରୁ ଉଭୟ ସାର ପ୍ରସ୍ତୁତି ପାଇଁ କଞ୍ଚାମାଲ ଏବଂ ରସାୟନିକ ସାର ଆମଦାନି କରିଥାଏ । ଯବକ୍ଷାରଜାନ ସାର ସହିତ, ଭାରତ ଫସଫେଟ ଏବଂ ପଟାସ୍ ସାର ପାଇଁ ଆମଦାନି ଉପରେ ମଧ୍ୟ ଅତ୍ୟଧିକ ନିର୍ଭରଶୀଳ ଓ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ଝଟକା ମିଳିଲେ, ଏହା ଭାରତର କୃଷି ଓ ଖାଦ୍ୟ ଉତ୍ପାଦନକୁ ଗଭୀର ଭାବେ ପ୍ରଭାବିତ କରେ । ଚଳିତ ଖରିଫ୍ ବିପଣନ ଋତୁ ପାଇଁ ବର୍ତ୍ତମାନ ଦେଶରେ ମହଜୁଦ ରହିଥିବା ସାର ପରିମାଣ ପର୍ଯ୍ୟାପ୍ତ ବୋଲି ଆଶ୍ୱାସନା ଦେଉଥିଲେ ହେଁ, ଯଦି ସଂଘର୍ଷ କିମ୍ବା ଉତ୍ତେଜନା ଜାରି ରହେ ତେବେ ଅଭାବ ଦେଖାଦେବା ନିଶ୍ଚିତ ।

ଆମୋନିଆ, ଅଶୋଧିତ ତୈଳ ଏବଂ ତରଳୀକୃତ ପ୍ରାକୃତିକ ବାଷ୍ପ (ଏଲଏନଜି) ଯୋଗାଣରେ ବାଧା ଆସୁଥିବାରୁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି ଏବଂ ଘରୋଇ ସାର କାରଖାନାଗୁଡ଼ିକର କାର୍ଯ୍ୟକ୍ଷମତା ଥିବା ସତ୍ତ୍ୱେ ଉତ୍ପାଦନ କମିଛି ଓ ଏହା ଉପସାଗରୀୟ ଗ୍ୟାସ ଆମଦାନୀ ଉପରେ ଭାରତ କେତେ ନିର୍ଭରଶୀଳ, ତାହାକୁ ଦର୍ଶାଇଛି। ଏହାକୁ ଆହ୍ୱାନ ରୂପେ ଗ୍ରହଣ କରି, ସରକାର ଅଶୋଧିତ ତୈଳ ଉପଲବ୍ଧତାକୁ ନିଶ୍ଚିତ କରିବା ଏବଂ ରୁଷ, ବେଲାରୁସ ଏବଂ ମରକ୍କୋ ସମେତ ଅନ୍ୟାନ୍ୟ ବିକଳ୍ପ ତୈଳ ଉତ୍ପାଦନକାରୀ ରାଷ୍ଟ୍ରଙ୍କ ସହିତ ସୁରକ୍ଷିତ ଦୀର୍ଘକାଳୀନ ଚୁକ୍ତିନାମା କରିବା ପାଇଁ ତ୍ୱରାନ୍ୱିତ ପ୍ରୟାସ କରିଛନ୍ତି ।

ସାର ମୂଲ୍ୟ ଅଧିକ ହେଉଥିବାରୁ ଭାରତୀୟ ଚାଷୀଙ୍କ ପାଇଁ ଚାଷ ଖର୍ଚ୍ଚ ବୃଦ୍ଧି ଘଟୁଛି । ଅଧିକ ଅମଳକ୍ଷମ ଧାନ ଏବଂ ଗହମ ଭଳି ମୁଖ୍ୟ ଫସଲର ଉତ୍ପାଦନ ବଜାୟ ରଖିବା ପାଇଁ ସାର ଅପରିହାର୍ଯ୍ୟ । ଯେତେବେଳେ ସାର ମୂଲ୍ୟ ବୃଦ୍ଧି ପାଏ, ଚାଷୀମାନେ ପ୍ରାୟତଃ ସାର ପ୍ରୟୋଗହାର ହ୍ରାସ କରି ଦିଅନ୍ତି ଓ ଏହା ଉତ୍ପାଦନକୁ ହ୍ରାସ କରେ ଏବଂ ଭବିଷ୍ୟତର ଖାଦ୍ୟ ସୁରକ୍ଷାକୁ ବିପଦରେ ପକାଏ । ବିଶେଷଜ୍ଞମାନଙ୍କ ସତର୍କ ସୂଚନା ଅନୁସାରେ, ଯଦି ପରବର୍ତ୍ତୀ ଫସଲ ଚକ୍ରରେ ସାର ଅଭାବ ଜାରି ରହେ, ତେବେ ସାମଗ୍ରିକ ଉତ୍ପାଦନ ହ୍ରାସ ଘଟେ ଏବଂ ଖାଦ୍ୟ ମୂଲ୍ୟ ବୃଦ୍ଧି ହୋଇଥାଏ।



**ଭାରତ ସରକାର ଏହି ସମସ୍ତ ଆହ୍ୱାନ ଏବଂ ଚେତାବନୀ ଗୁଡିକୁ ଦୃଷ୍ଟିରେ ରଖି ଘରୋଇ ସାର ଉତ୍ପାଦନ ବୃଦ୍ଧି କରୁଛନ୍ତି, ବିଭିନ୍ନ ଉତ୍ସରୁ ଆମଦାନୀ କରୁଛନ୍ତି ଏବଂ କୃଷିକ୍ଷେତ୍ରରେ ଜୈବ-ସାର ଏବଂ ସୌର-ପବନ ଭଳି ଶକ୍ତିବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖି ସଂସ୍କାରମୂଳକ ପଦକ୍ଷେପ ନେଉଛନ୍ତି । ଏହି ପଦକ୍ଷେପଗୁଡ଼ିକ କେବଳ ସ୍ୱଳ୍ପମିଆଦି ଯୋଗାଣକୁ ନିଶ୍ଚିତ କରିବା ପାଇଁ ନୁହେଁ ବରଂ ଦୀର୍ଘକାଳୀନ ନିଶ୍ଚିତତା ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ।**

ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଏକକାଳୀନ ବିଶ୍ୱ ତୈଳ ଏବଂ ଗ୍ୟାସ ବଜାରରେ ଅସ୍ଥିରତା ସୃଷ୍ଟି କରିଛି । ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ବଢିବା ସହିତ, ଅଶୋଧିତ ତୈଳ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ରୁଷ-ୟୁକ୍ରେନ ସଂଘର୍ଷ (୨୦୨୨-୨୩) କାରଣରୁ ସୃଷ୍ଟ ବୈଶ୍ୱିକ ଅସ୍ଥିରତାର ଅନ୍ୟତମ ଉଦାହରଣ । ଏହା ଭାରତ ପାଇଁ ଦୁଇଗୁଣା ଆହ୍ୱାନ ସୃଷ୍ଟି କରିଛି ଓ ମହଙ୍ଗାଦରରେ ଇନ୍ଧନ ଆମଦାନୀ ବ୍ୟାପକ ମୁଦ୍ରାସ୍ଫୀତିକୁ ବଳ ଯୋଗାଇଥାଏ ଓ ଯେତେବେଳେ ଏଲଏନଜି କିଣିବାକୁ ଅଧିକ ଦର ଦେବାକୁ ପଡେ, ସାର ଉତ୍ପାଦନ ସ୍ୱାଭାବିକ ଭାବେ ବାଧା ପାଏ। କୃଷିକାର୍ଯ୍ୟ ଦିନକୁ ଦିନ ଅଧିକ ଶକ୍ତି-ନିର୍ଭରଶୀଳ ହେବାରେ ଲାଗିଛି ଓ ପମ୍ପ ସାହାଯ୍ୟରେ ଜଳସେଚନ, ଯାନ୍ତ୍ରିକୀକରଣ ଏବଂ ପରିବହନ ପାଇଁ ଡିଜେଲ ଇନ୍ଧନ ଯେଉଁଳି ଆବଶ୍ୟକ, ସାର ଉତ୍ପାଦନ ପାଇଁ ପ୍ରାକୃତିକ ଗ୍ୟାସ ଅତ୍ୟାବଶ୍ୟକ । ତେଣୁ, ତୈଳ ମୂଲ୍ୟରେ ବୃଦ୍ଧି କିମ୍ବା ତୈଳ ଉପଲବ୍ଧତା ହ୍ରାସ ଘଟିଲେ, ଭାରତର କୃଷି-ମୂଲ୍ୟ ଶୃଙ୍ଖଳ ସିଧାସଳଖ ପ୍ରଭାବିତ ହୁଏ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ପାଏ । ବିଶ୍ୱରେ ଅନିଶ୍ଚିତତା ଲାଗିରହିଲେ, ମୁଦ୍ରା ମୂଲ୍ୟହ୍ରାସ ବା ଅବମୂଲ୍ୟାୟନ ତ୍ୱରାନ୍ୱିତ ହୁଏ, ଆମଦାନୀ କରାଯାଉଥିବା ସାମଗ୍ରୀଗୁଡିକର ମୂଳମୂଲ୍ୟ ବୃଦ୍ଧି ହୁଏ ଓ କ୍ରମଶଃ ଏହି ଚାପଗୁଡ଼ିକ ଅଧିକ ଜଟିଳ ସମସ୍ୟା ସୃଷ୍ଟି କରିଥାଏ ।

ମଧ୍ୟପ୍ରାଚ୍ୟର ଦେଶଗୁଡିକ ମୁଖ୍ୟତଃ ଚାଉଳ, ଚିନି ଏବଂ ଚା ଭଳି ଭାରତୀୟ କୃଷି ଉତ୍ପାଦ ଉପରେ ନିର୍ଭରଶୀଳ ଓ କିନ୍ତୁ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ, ବିଶେଷକରି ହର୍ମୁଜ୍ ପ୍ରଣାଳୀ ମୁଖ୍ୟତଃ ପ୍ରଭାବିତ ହେଉଥିବାରୁ ଅନ୍ୟାନ୍ୟ ବାଣିଜ୍ୟ ପଥଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। ଆନ୍ତର୍ଜାତିକ ବାଣିଜ୍ୟ ନିର୍ଭରଯୋଗ୍ୟତା ଏବଂ ପ୍ରତିଯୋଗିତାମୂଳକତାକୁ ହରାଇ ବସିଛି । ସାର ଏବଂ ଖଣିଜତୈଳ ଆମଦାନୀରେ ବିଳମ୍ବ ଘଟୁଛି ଏବଂ ମୂଲ୍ୟବୃଦ୍ଧି ହେଉଛି। ଏହି ସମସ୍ତ ଆହ୍ୱାନ ମିଳିତ ଭାବେ ଭାରତର କୃଷି ବ୍ୟବସ୍ଥା ଉପରେ ଦ୍ୱିଗୁଣିତ ଚାପ ସୃଷ୍ଟି କରୁଛି ଓ ଆମେ ସମସ୍ତେ ଜାଣିଛେ ଯେ, ଚାଷପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡିଲେ, ଲାଭ ହ୍ରାସ ପାଏ ଏବଂ ରପ୍ତାନି ବାଧାପ୍ରାପ୍ତ ହେଲେ, ରୋଜଗାର ସୀମିତ ହୋଇଯାଏ ଓ ଏବେ, ଭାରତୀୟ କୃଷିର ଅବସ୍ଥା ଏହିଭଳି ସ୍ଥିତିରେ ରହିଛି ଓ

ସାର ଅଭାବ, ଶକ୍ତି ମୂଲ୍ୟ ବୃଦ୍ଧି ଏବଂ ପରିବହନ ବାଧା ଇତ୍ୟାଦି ମିଳିତଭାବେ ଚାପ ସୃଷ୍ଟିକରିସାରିଛନ୍ତି ଏବଂ ଏବେ ଦେଶରେ ଖାଦ୍ୟ ମୁଦ୍ରାସ୍ଫୀତି ପାଇଁ ତିରୋଟ ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ଯୋଗାଣ-ଶୃଙ୍ଖଳକୁ ଦକ୍ଷତାର ସହିତ ପରିଚାଳନା କରା ନଯାଏ, ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ହୁଏ । ଏପରି ମୁଦ୍ରାସ୍ଫୀତି ଦେଖାଗଲେ, ପ୍ରଥମେ ନିମ୍ନ ଆୟକାରୀ ପରିବାରଗୁଡିକ ପ୍ରଭାବିତ ହୁଅନ୍ତି ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ସମେତ ଭାରତର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଚାପଗ୍ରସ୍ତ ହୁଏ । କୃଷି ପାଣିପାଗ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ମୌସୁମୀ ଫସଲ ଅମଳ ହେବା ପୂର୍ବରୁ ଏଭଳି ଚାପ ଜାରି ରହିଲେ ସମ୍ଭାବ୍ୟ 'ଦ୍ୱିତୀୟ ପର୍ଯ୍ୟାୟ ଖାଦ୍ୟ ମୁଦ୍ରାସ୍ଫୀତି' ଉତ୍କଟ ହେବାର ସମ୍ଭାବନା ରହିଛି ।

ଭାରତ ସରକାର ଏହି ସମସ୍ତ ଆହ୍ୱାନ ଏବଂ ଚେତାବନୀ ଗୁଡିକୁ ଦୃଷ୍ଟିରେ ରଖି ଘରୋଇ ସାର ଉତ୍ପାଦନ ବୃଦ୍ଧି କରୁଛନ୍ତି, ବିଭିନ୍ନ ଉତ୍ସରୁ ଆମଦାନୀ କରୁଛନ୍ତି ଏବଂ କୃଷିକ୍ଷେତ୍ରରେ ଜୈବ-ସାର ଏବଂ ସୌର-ପବନ ଭଳି ଶକ୍ତିବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖି ସଂସ୍କାରମୂଳକ ପଦକ୍ଷେପ ନେଉଛନ୍ତି । ଏହି ପଦକ୍ଷେପଗୁଡ଼ିକ କେବଳ ସ୍ୱଳ୍ପମିଆଦି ଯୋଗାଣକୁ ନିଶ୍ଚିତ କରିବା ପାଇଁ ନୁହେଁ ବରଂ ଦୀର୍ଘକାଳୀନ ନିଶ୍ଚିତତା ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ।

ମଧ୍ୟପ୍ରାଚ୍ୟରେ ଚାଲିଥିବା ସଙ୍କଟ ଆଞ୍ଚଳିକ ସୀମା ଅତିକ୍ରମ କରି ସାମଗ୍ରିକ ଖାଦ୍ୟ ବ୍ୟବସ୍ଥାରେ ଭୂକମ୍ପ ଆଣିଛି। ଭାରତ ପାଇଁ, ଏହା ସାର, ଶକ୍ତି, ବାଣିଜ୍ୟ, ଆର୍ଥିକ ସ୍ଥିରତା ଏବଂ ଖାଦ୍ୟ ମୂଲ୍ୟକୁ ପ୍ରଭାବିତ କରିଛି। ଭବିଷ୍ୟତର ଭୂ-ରାଜନୈତିକ ଏବଂ ଶକ୍ତି ଝଟକାରୁ ଭାରତୀୟ କୃଷିକୁ ପ୍ରଭାବିତ ନହେବା ପାଇଁ ଘରୋଇ ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା, ଯୋଗାଣ ଶୃଙ୍ଖଳାକୁ ବିବିଧ ତଥା ଦକ୍ଷ କରିବା ଏବଂ ସମ୍ବଳ ଦକ୍ଷତା ବୃଦ୍ଧି କରିବା ଗୁରୁତ୍ୱପୂର୍ଣ୍ଣ ହେବ। ଆମର ଚାଷୀମାନେ ଡ୍ରୋନ ବ୍ୟବହାର କରି ନାନୋ ୟୁରିଆ, ନାନୋ ଡିଏପି ପରି ବିକଳ୍ପ ସାର ଏବଂ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବାକୁ ଆରମ୍ଭ କଲେଣି । ଆହ୍ୱାନ ସବୁବେଳେ ନୂତନତା ଓ ବିକଳ୍ପକୁ ଜନ୍ମ ଦିଏ ଓ ଭାରତ ସେହି ଦୃଷ୍ଟିରୁ ମଧ୍ୟ ସଫଳତା ପାଇବ।

# ସାମାଜିକ ନ୍ୟାୟ ଓ ମାନବିକ ଅଧିକାର

**ଧନେଶ୍ୱର ସାହୁ**

ମାନବବାଦ ଏକ ଜୀବନ-ଦର୍ଶନ। ଏହି ଜୀବନ-ଦର୍ଶନର ଏକ ବିସ୍ତାରିତ ଅର୍ଥ ହେଉଛି ସାମାଜିକ ନ୍ୟାୟ ଓ ମାନବିକ ଅଧିକାର। ସାମାଜିକ ନ୍ୟାୟର ସରଳ ଅର୍ଥ ହେଉଛି ସମାଜରେ ବ୍ୟକ୍ତିମାନଙ୍କ ମଧ୍ୟରେ ସମ୍ବନ୍ଧ ଔଚିତ୍ୟବୋଧ ଓ ନୀତିପୂର୍ଣ୍ଣ ହେବା ଆବଶ୍ୟକ। ସମାଜର ସମସ୍ତ ନାଗରିକ ସମାନ ସୁବିଧା, ସୁଯୋଗ ଓ ନିଜ ସାମର୍ଥ୍ୟର ବିକାଶ ପାଇଁ ଅବକାଶ ପାଇବେ ଏବଂ କୌଣସି ବ୍ୟକ୍ତି ବା ଗୋଷ୍ଠୀ କିଛି ଭେଦଭାବ, ଶୋଷଣ ବା ଉତ୍ପୀଡ଼ନର ଶିକାର ହେବେ ନାହିଁ। ଏକ ସୁସ୍ଥ ଓ ନିରାପଦ ଜୀବନ ବଞ୍ଚିବାର ପରିବେଶ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମିଳିବା ଆବଶ୍ୟକ। ଜୀବନଧାରଣ ପାଇଁ ଆବଶ୍ୟକ ପଡୁଥିବା ଭୌତିକ ସାଧନ ସହ ଶିକ୍ଷା, ସ୍ୱାସ୍ଥ୍ୟସେବା, ସାଂସ୍କୃତିକ ସୁଯୋଗ ସମସ୍ତଙ୍କୁ ମିଳିବା ଦରକାର। ସମାଜରେ କୌଣସି ବ୍ୟକ୍ତି ବା ଗୋଷ୍ଠୀ ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ଓ ମାନବିକ କାର୍ଯ୍ୟକଳାପରୁ ବହିଷ୍କୃତ ହେବେନାହିଁ। ସମାଜରେ ନାନା ବିବିଧତା ରହିବା ଏକ ସ୍ୱାଭାବିକ ଘଟଣା। ଜାତି, ଧର୍ମ, ଭାଷା, ରଙ୍ଗ, ଲିଙ୍ଗ ଇତ୍ୟାଦି ବିଭିନ୍ନ ପରିଚୟ ବହନ କରୁଥିବା ଗୋଷ୍ଠୀର ଲୋକମାନେ ରହିବେ, ତେବେ କୌଣସି ପରିଚୟ କିମ୍ବା ଅସ୍ମିତାକୁ ନେଇ କେହି କୌଣସି ଶୋଷଣ କିମ୍ବା ଭେଦଭାବର ଶିକାର ହେବେନାହିଁ। ସାମାଜିକ ବିକାଶ ପ୍ରକ୍ରିୟାରେ ସମସ୍ତଙ୍କର ସହଯୋଗ ଓ ସହଭାଗିତା ରହିବ ଏବଂ ସାମାଜିକ ଜୀବନ ପ୍ରଭାବରୁ କୌଣସି ଗୋଷ୍ଠୀକୁ ବହିଷ୍କୃତ ବା ବଞ୍ଚିତ କରାଯିବ ନାହିଁ। ସମାଜରେ ଯାହା କିଛି ସୁବିଧା, ସୁଯୋଗ ଓ ସମ୍ବଳ ରହିଛି ସେଥିରେ ସମସ୍ତଙ୍କର ଅଧିକାର ରହିବ। ମାନବବାଦୀ ଚେତନାର ବିକାଶରୁ ଏହିସବୁ ଭାବଧାରା ଚିନ୍ତାରାଜ୍ୟକୁ ଆସିଛି, ଯାହାକୁ ସାମାଜିକ ନ୍ୟାୟ କୁହାଯାଉଛି। ସଭ୍ୟତା କ୍ରମବିକାଶର ଇତିହାସରୁ ଜଣାଯାଏ ଯେ ମାନବ ସମାଜ ସର୍ବଦା ଶ୍ରେଣୀବିଭକ୍ତ ରହିଆସିଛି। ଅତୀତରେ ରାଜତନ୍ତ୍ର, ସାମନ୍ତବାଦ ପ୍ରାୟ ସବୁ ସମାଜରେ ରହିଥିଲା। ସାମନ୍ତ ରାଜା-ରାଜୁଡ଼ାମାନେ ବିଳାସପୂର୍ଣ୍ଣ ଜୀବନ ନିର୍ବାହ କରୁଥିଲେ ଓ ବଡ଼ ବଡ଼ ଦୁର୍ଗ ଭିତରେ ରହୁଥିଲେ। ସମାଜର ଅଗଣିତ ମଣିଷ ସେମାନଙ୍କର ବିଳାସ ବ୍ୟସନ ପାଇଁ ଓ ଉତ୍ପାଦନ ପାଇଁ ନିୟୋଜିତ ହୋଇ ଶୋଷିତ ହୋଇ ରହିଥିଲେ। ଶିଳ୍ପ ବିପ୍ଳବ ଯୁଗରେ ମୁଷ୍ଟିମେୟ ଲୋକ ସକଳ ପୁଞ୍ଜିର ଅଧିକାରୀ ହେବା ସହ ପ୍ରାଚୁର୍ଯ୍ୟ ଭିତରେ ରହିବା ବେଳେ ସମାଜର ଶ୍ରମଜୀବୀ ଓ ମେହନତୀ ମଣିଷମାନେ ଉପମାନବୀୟ ବା 'ସବ୍‌ହ୍ୟୁମାନ' ସ୍ତରରେ ଜୀବନ ନିର୍ବାହ କରୁଥିଲେ। ବର୍ଣ୍ଣବୈଷମ୍ୟ, ଅସ୍ପୃଶ୍ୟତା, ଆର୍ପିଥେଡ୍ ପରି ଭେଦଭାବ ବିଭିନ୍ନ ଦେଶର ସାମାଜିକ ବ୍ୟବସ୍ଥା ଥିଲା। ଯୁଦ୍ଧ, ହିଂସା, ମାନବକୃତ ବିଭୀଷିକା, ସାଂପ୍ରଦାୟିକ ବିଦ୍ୱେଷ ଅଗଣିତ ମନୁଷ୍ୟଙ୍କର ସାମାଜିକ ଜୀବନକୁ ନାନା ଭାବରେ ବିପର୍ଯ୍ୟସ୍ତ କରିବାର କାହାଣୀ ଇତିହାସରୁ ଜାଣିବାକୁ ମିଳେ।

ମାନବବାଦୀ ଭାବଧାରାର ବିକାଶରୁ ରାଜନୈତିକ ସ୍ତରରେ ସାମନ୍ତବାଦ ଓ ରାଜତନ୍ତ୍ରର ବିକଳ୍ପ ଭାବେ ଗଣତନ୍ତ୍ରର ପରିକଳ୍ପନା ଏକ ବୈଚାରିକ କ୍ରାନ୍ତି ଥିଲା। ରାଷ୍ଟ୍ରୀୟ ଭାବନାର ଅଭ୍ୟୁଦୟ ସହ ଦେଶର ଜନଗଣ ଯେ ସାର୍ବଭୌମ ଏହା ଏକ ଉନ୍ନତ ଭାବନା ଥିଲା। ରାଜତନ୍ତ୍ରର ବିଲୋପ ମଣିଷ ସମାଜ ପାଇଁ ପ୍ରେରଣାଦାୟକ ଥିଲା। ସେହିପରି ସାରା ପୃଥିବୀରୁ ସାମ୍ରାଜ୍ୟବାଦର ବିଲୋପ ପାଇଁ ଉପନିବେଶବାଦୀ ଶକ୍ତି ବିରୋଧରେ କେତେକ ଦେଶରେ ମଧ୍ୟ ସଂଗ୍ରାମ ହୋଇଥିଲା। ଦେଶର ରାଜନୈତିକ ସ୍ୱାଧୀନତା ଜନଗଣଙ୍କର ଯେ ମୌଳିକ ଅଧିକାର ଏହି ବିଚାର ମଧ୍ୟ ସମାଜରେ ବହୁ ପରେ ସୃଷ୍ଟି ହେଲା। ସେହିପରି ଅର୍ଥନୈତିକ ସ୍ତରରେ ପୁଞ୍ଜିବାଦ ପରିବର୍ତ୍ତେ ସମାଜବାଦ ଓ ସମତାଭିତ୍ତିକ ସମାଜର ପରିକଳ୍ପନା ମଧ୍ୟ ଅନ୍ୟ ଏକ କ୍ରାନ୍ତିକାରୀ ଭାବନା ଥିଲା।

ବିଂଶ ଶତାବ୍ଦୀର ମଧ୍ୟଭାଗରେ ଦୁଇଟି ବିଶ୍ୱଯୁଦ୍ଧର ଭୟାନକ ପରିଣାମ, ନାଜିମାନଙ୍କ ଦ୍ୱାରା ଇହୁଦୀମାନଙ୍କର ଗଣହତ୍ୟା ଓ ଆଣବିକ ବିସ୍ଫୋରଣରେ ଜାପାନର ଦୁଇଟି ସହରର ଧ୍ୱଂସ ସାଧନ ଭିତରେ ଏହି ଆଶଙ୍କା ପ୍ରକାଶ ପାଇଲା ଯେ ଯଦି ଭବିଷ୍ୟତରେ କୌଣସି କାରଣରୁ ତୃତୀୟ ବିଶ୍ୱଯୁଦ୍ଧ ହୁଏ, ତେବେ ପୃଥିବୀରୁ ମାନବ ସଭ୍ୟତା ବିଲୋପର ସମ୍ମୁଖୀନ ହେବ। ଏହି ସ୍ଥିତିରେ ଅନେକ ଶାନ୍ତିକାମୀ ମାନବବାଦୀ ଦାର୍ଶନିକ, ରାଷ୍ଟ୍ରନୀତିଜ୍ଞ ଓ ବୈଜ୍ଞାନିକ ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ପାଇଁ ଆନ୍ତରିକତା ବ୍ୟକ୍ତ କଲେ। ପରିଣାମ ସ୍ୱରୂପ ୧୯୪୫ ଅକ୍ଟୋବର ମାସରେ ଜାତିସଂଘର ପ୍ରତିଷ୍ଠା ହେଲା।

ମାନବିକ ଅଧିକାର ସଂପର୍କରେ ଏକ ଦଲିଲ୍ ପ୍ରସ୍ତୁତ କରିବା ପାଇଁ ଜାତିସଂଘର ତତ୍କାଳୀନ ନିର୍ଦ୍ଦେଶକ ଜନ୍ ହମ୍ଫ୍ରେ ଆମେରିକାର ମାନବିକ ଅଧିକାରର ବିଶିଷ୍ଟ ପ୍ରବକ୍ତା ଏଲେନୋର୍ ରୁଜ୍‌ଭେଲ୍ଟଙ୍କ ସଭାପତିତ୍ୱରେ ଏକ କମିଟି ଗଠନ କଲେ। ଏହି କମିଟି ବିଭିନ୍ନ ଦିଗକୁ ଆଲୋଚନା କରି ଯେଉଁ ଦଲିଲ୍‌ଟି ପ୍ରସ୍ତୁତ କଲେ ତାହା ଶେଷରେ ୧୯୪୮ ଡିସେମ୍ବର ୧୦ ତାରିଖ ଦିନ ଜାତିସଂଘରେ ପାରିତ ହୋଇଥିଲା।




ମାନବିକ ଅଧିକାର ଘୋଷଣାନାମାରେ ତିରିଶଟି ଧାରା ରହିଛି ଏବଂ ପ୍ରତ୍ୟେକ ଧାରା ମାନବିକ ମର୍ଯ୍ୟାଦା, ଅଧିକାର ନେଇ ସୁଚିନ୍ତିତ ବିଚାର ବ୍ୟକ୍ତ କରିଛି। ପ୍ରଥମ ଧାରାଟିରେ କୁହାଯାଇଛି 'ସମସ୍ତ ମନୁଷ୍ୟ ମୁକ୍ତ ଓ ସମାନ ହୋଇ ଜନ୍ମ ହୋଇଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ଭିତରେ ବିଚାରଶୀଳତା ଓ ବିବେକବୋଧ ରହିଛି ଏବଂ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ପ୍ରତି ଭ୍ରାତୃତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିବା ଆବଶ୍ୟକ।' ମୁକ୍ତ ହୋଇ ଜନ୍ମ ହେବାର ତାତ୍ପର୍ଯ୍ୟ ହେଉଛି ସମସ୍ତଙ୍କର ସ୍ୱାଧୀନତା ପାଇଁ ଅଧିକାର ରହିଛି। ତେବେ ବ୍ୟକ୍ତିର ସ୍ୱାଧୀନତା ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ନିୟନ୍ତ୍ରଣ ଦ୍ୱାରା ପ୍ରଭାବିତ ହୋଇଥାଏ। ବ୍ୟକ୍ତି ସ୍ୱାଧୀନତା ନିରଙ୍କୁଶ। ସୁତରାଂ ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତା ସହ ସମାନ କରାଯାଇପାରିବ ନାହିଁ। ତେବେ ଜଣେ ବ୍ୟକ୍ତି ମଣିଷ ହିସାବରେ ଜୀବନଧାରଣ କରିବାକୁ କେତେକ ମୌଳିକ ଓ ଅପରିବର୍ତ୍ତନୀୟ ଅଧିକାର ଉପଭୋଗ କରିବା ଆବଶ୍ୟକ। ଜଣେ ବ୍ୟକ୍ତି ଯେଉଁ ସମାଜରେ ବଞ୍ଚେ ସେଠାରେ କୌଣସି ଶୋଷଣ, ଭେଦଭାବ ବା ହୀନମନ୍ୟତାର ଶରବ୍ୟ ହେବ ନାହିଁ। ନିଜ ଶକ୍ତି ଓ ସାମର୍ଥ୍ୟ ନେଇ ସମ୍ମାନର ସହ ଜୀବନ ବଞ୍ଚିବା ଓ କୌଣସି ପ୍ରକାରର ଭେଦଭାବର ଶିକାର ନ ହେବା ମାନବିକ ଅଧିକାରର ତାତ୍ପର୍ଯ୍ୟ।

ମାନବିକ ଅଧିକାରର ବିଶ୍ୱ ଘୋଷଣାନାମାରେ ଯେଉଁ ବିଚାର ଓ ଭାବଧାରା ବ୍ୟକ୍ତ ହୋଇଛି ସେଗୁଡ଼ିକୁ କେତେକ ଶ୍ରେଣୀରେ ବିଭାଜନ କରାଯାଇଥାଏ। ପ୍ରତ୍ୟେକ ବ୍ୟକ୍ତିର ନାଗରିକ, ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ରହିବା ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତିର ବଞ୍ଚିବାର ଅଧିକାର ହେଉଛି ତା'ର ପ୍ରାକୃତିକ ଓ ମୌଳିକ ଅଧିକାର। ସମ୍ମାନ ତଥା ନିରାପତ୍ତାର ସହ ଜୀବନ ବଞ୍ଚିବା ତା'ର ନାଗରିକ ଅଧିକାର। ଏହା ସହ କେତେକ ସ୍ୱାଧୀନତା ଉପଭୋଗ କରିବା ହେଉଛି ତା'ର ରାଜନୈତିକ ଅଧିକାର। ନାଗରିକ ଓ ରାଜନୈତିକ ଅଧିକାର ଭିତରେ ଜୀବନର ନିରାପତ୍ତା, ସ୍ୱାଧୀନତାକୁ ପ୍ରାଧାନ୍ୟ ଦିଆଯାଇଛି। ରାଜନୈତିକ ଅଧିକାର ଭିତରେ ମତବ୍ୟକ୍ତ କରିବା, କୌଣସି ଆଇନସମ୍ମତ ସଂଗଠନରେ ସଂପୃକ୍ତ ହେବା ବା ସଂଗଠନ କରିବାକୁ ପ୍ରାଧାନ୍ୟ ଦିଆଯାଇଛି। କୌଣସି ନାଗରିକ ନିଜ ଦେଶରେ ଶୋଷଣ, ଉତ୍ପୀଡ଼ନ ବା ଦାସତ୍ୱର ଶିକାର ହେବ ନାହିଁ। ଆଇନ ଦୃଷ୍ଟିରେ ସମସ୍ତେ ସମାନ ବିବେଚିତ ହେବେ। ନିଜ ଦେଶର ରାଜନୈତିକ ବ୍ୟବସ୍ଥାରେ ଜଣେ ନାଗରିକ ଭାବେ ଅଂଶଗ୍ରହଣ କରିବାର ଅଧିକାର ରହିବ। ବିବାହ କରିବା, ପରିବାର କରିବା, ଆଇନଗତ ପନ୍ଥାରେ ସଂପତ୍ତି ଆହରଣ କରିବା ଓ ନିଜର ସ୍ୱାଧୀନ ମତ ବ୍ୟକ୍ତ କରିବା ରାଜନୈତିକ ଅଧିକାରର ପରିସରଭୁକ୍ତ। ପ୍ରତ୍ୟେକ ବ୍ୟକ୍ତିର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ବିଷୟରେ ମଧ୍ୟ ସୂଚନା ଦିଆଯାଇଛି। ପ୍ରତ୍ୟେକ ନାଗରିକ ନିଜ ଦେଶର ପରିବେଶରେ ନିଜର ସାମର୍ଥ୍ୟ ଅନୁଯାୟୀ ସ୍ୱାବଲମ୍ବୀ ହେବାର ଅଧିକାର ପାଇବ। ସମସ୍ତ ଅଧିକାର ଉପଭୋଗ କରିବାରେ ପୁରୁଷ ଓ ମହିଳାଙ୍କ ଭିତରେ କୌଣସି ଭେଦଭାବ ରହିବ ନାହିଁ। ନାରୀ ପୁରୁଷ ନିର୍ବିଶେଷରେ ସମାନ କାର୍ଯ୍ୟ ପାଇଁ ସମାନ ପାରିଶ୍ରମିକ ପାଇବା ଓ ଏକ ଶାନ୍ତିପୂର୍ଣ୍ଣ ଜୀବନ ବଞ୍ଚିବାର ଅବକାଶ ସମସ୍ତଙ୍କର ଅଧିକାରର ବିଷୟ। ସାମାଜିକ ଅଧିକାରରେ ଖାଦ୍ୟ, ସ୍ୱାସ୍ଥ୍ୟ, ବାସସ୍ଥାନ, ଶିକ୍ଷା ଓ ସାମାଜିକ ଜୀବନକୁ ଅନ୍ତର୍ଭୁକ୍ତ କରାଗଲାବେଳେ ସାଂସ୍କୃତିକ ଅଧିକାର କ୍ଷେତ୍ରରେ ବିଜ୍ଞାନ, ସାହିତ୍ୟ, କଳାର ବିକାଶ ଘଟାଇବା ସହ ନୈତିକ ଓ ଭୌତିକ ବିକାଶର ଅଧିକାରକୁ ସଂପୃକ୍ତ କରାଯାଇଛି। ଏତଦ୍‌ବ୍ୟତୀତ ସାମୂହିକ ଅଧିକାର ପରିସରରେ ବିକାଶ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ସୁସ୍ଥକର ପରିବେଶକୁ ପ୍ରାଧାନ୍ୟ ଦିଆଯାଇଛି। ମାନବିକ ଅଧିକାରର ବିଶ୍ୱ ଘୋଷଣାନାମାର ବିଧାନମାନ ପାଳନ କରିବା ପାଇଁ ପ୍ରତ୍ୟେକ ରାଷ୍ଟ୍ର ଆଇନଗତ ଭାବେ ବାଧ୍ୟ ନୁହନ୍ତି। ଯେତେବେଳେ ଏହା ଜାତିସଂଘରେ ପାରିତ ହୋଇଥିଲା, ସେତେବେଳେ ଜାତିସଂଘରେ ଅଠାବନଟି ରାଷ୍ଟ୍ର ସଭ୍ୟ ରହିଥିଲେ। ପରେ ପୃଥିବୀର ଏକଶହ ନବେରୁ ଅଧିକ ରାଷ୍ଟ୍ର ଜାତିସଂଘରେ ସଭ୍ୟ ହୋଇଛନ୍ତି। ତେବେ ମାନବିକ ଅଧିକାର ଘୋଷଣାନାମାରେ ସଂଯୁକ୍ତ ହୋଇଥିବା ଆନ୍ତର୍ଜାତିକ ଚୁକ୍ତିମାନ ରାଷ୍ଟ୍ରୀୟ ସ୍ତରରେ ମାନବିକ ଅଧିକାର ସୁରକ୍ଷା ପାଇଁ ଆଦର୍ଶ ହୋଇଛି। ୧୯୪୮ ପରେ ଜାତିସଂଘର ସାଧାରଣ ପରିଷଦରେ ବିଭିନ୍ନ ସମୟରେ କେତେକ ଚୁକ୍ତି ସାର୍ବଜନୀନ ଭାବେ ଅନୁମୋଦିତ ହୋଇଛି। ୧୯୬୬ରେ ରାଷ୍ଟ୍ରସଂଘର ସାଧାରଣ ପରିଷଦରେ ନାଗରିକମାନଙ୍କର ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଅଧିକାରକୁ ଅନୁମୋଦନ କରାଯାଇଛି। ଏତଦ୍‌ବ୍ୟତୀତ ଗଣହତ୍ୟାମୂଳକ ଅପରାଧର ନିରାକରଣ, ବଂଶୀୟ ଭେଦଭାବର ବିଲୋପନ, ସମସ୍ତ ପ୍ରକାରର ଉତ୍ପୀଡ଼ନ, ନିଷ୍ଠୁରତା ଓ ଅମାନବିକ ବ୍ୟବହାରର ଦୂରୀକରଣ ପାଇଁ ବିଭିନ୍ନ ସମୟରେ ଚୁକ୍ତିନାମାମାନ ଅନୁମୋଦିତ ହୋଇଛି। ସାମାଜିକ ସ୍ତରରେ ବିଭିନ୍ନ ଦେଶରେ ଓ କେତେକ ଗୋଷ୍ଠୀରେ ମହିଳାମାନେ ନାନା ଭେଦଭାବ ଓ ଶୋଷଣର ସମ୍ମୁଖୀନ ହେବା ଦେଖାଯାଏ। ଏହାର ନିରାକରଣ ପାଇଁ ୧୯୭୯ରେ ମହିଳା ବିରୋଧୀ ଭେଦଭାବ ବିଲୋପନ ଚୁକ୍ତି ଅନୁମୋଦିତ ହୋଇଛି। କେତେକ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଭାବନା ଯୋଗୁଁ ବିଭିନ୍ନ ଦେଶରେ ଲିଙ୍ଗଗତ ଭେଦଭାବ ରହିଛି ଏବଂ ମହିଳାମାନେ ଅବୈଧ ଚାଲାଣ, ବେଶ୍ୟା ବୃତ୍ତି ପରି ଅସମ୍ମାନଜନକ ସ୍ଥିତିକୁ ସାମ୍ନା କରୁଛନ୍ତି। ସେହିପରି ଦାରିଦ୍ର୍ୟ ବା ଅନ୍ୟାନ୍ୟ କାରଣରୁ ବିକାଶଶୀଳ ଦେଶମାନଙ୍କରେ ପିଲାମାନେ ବିଭିନ୍ନ ଉତ୍ପୀଡ଼ନ ଓ ଅମାନବିକ ବ୍ୟବହାରକୁ ସାମ୍ନା କରୁଛନ୍ତି। ଶୈଶବ ପ୍ରତ୍ୟେକ ବ୍ୟକ୍ତି ଜୀବନର ମୂଲ୍ୟବାନ ସମୟ ହୋଇଥିବାରୁ ଶିଶୁମାନଙ୍କର ନାଗରିକ, ସାମାଜିକ, ସାଂସ୍କୃତିକ ଓ ମାନବାଧିକାର ନେଇ ଆନ୍ତର୍ଜାତିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏପରିକି ସମାଜର ଭିନ୍ନକ୍ଷମ ବ୍ୟକ୍ତିମାନେ ବି ସମ୍ମାନଜନକ ଭାବରେ ବଞ୍ଚିବା ପାଇଁ ଆନ୍ତର୍ଜାତିକ ଚୁକ୍ତିନାମା ରହିଛି।

ମାନବିକ ଅଧିକାର ନେଇ ସାର୍ବଜନୀନ ଘୋଷଣା, ରାଷ୍ଟ୍ରସଂଘର ସନନ୍ଦ, ବିଭିନ୍ନ ସମୟର ଆନ୍ତର୍ଜାତିକ ଚୁକ୍ତିସମୂହକୁ ମାନକ ଭାବେ ଗ୍ରହଣ କରି ପ୍ରତ୍ୟେକ ରାଷ୍ଟ୍ର ନିଜ ଦେଶର ନାଗରିକମାନଙ୍କର ଅଧିକାରକୁ ସୁରକ୍ଷା ଦେବା ପାଇଁ ପ୍ରୟାସ କରିବ। ସମାଜରୁ ସକଳ ନିର୍ଯାତନା, ଭେଦଭାବ ଓ ଶୋଷଣର ବିଲୋପନ ଦ୍ୱାରା ସମାଜର ନୈତିକ ଓ ସାଂସ୍କୃତିକ ପରିବେଶ ଉନ୍ନତ ହୋଇପାରିବ। ଏ କ୍ଷେତ୍ରରେ ନାଗରିକ ସମାଜ, ବିଚାର ବ୍ୟବସ୍ଥା, ଆଇନ ପ୍ରଣୟନକାରୀ ସଂସ୍ଥା ଓ ପୁଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶେଷ କରି ଆମ ଦେଶରେ ରହିଥିବା ଜାତିଗତ ସାମାଜିକ ବ୍ୟବସ୍ଥା, ଦାରିଦ୍ର୍ୟ ଓ ସାଂପ୍ରଦାୟିକ ମନୋଭାବ ମାନବିକ ଅଧିକାର ସୁରକ୍ଷା ପାଇଁ ବଡ଼ ପ୍ରତିବନ୍ଧ ମନେ ହୁଏ। ତେବେ ଜାତୀୟ ଓ ରାଜ୍ୟ ସ୍ତରରେ ମାନବିକ ଅଧିକାର ଆୟୋଗମାନ ରହି ମାନବାଧିକାର ଉଲ୍ଲଂଘନକୁ ପ୍ରତିହତ କରିବାକୁ ପଦକ୍ଷେପ ନିଆଯାଉଛି। ସାମାଜିକ ନ୍ୟାୟ, ସମତାର ଭାବ ଓ ମାନବିକ ଅଧିକାର ମାନବବାଦୀ ଚେତନାର ପ୍ରୟୋଗାତ୍ମକ ଆଭିମୁଖ୍ୟ। ଏହି ଚେତନାର ପ୍ରସାର ଯେ ସମାଜକୁ ଉନ୍ନତ କରିଥାଏ, ଏଥିରେ ସନ୍ଦେହ ନାହିଁ।

# ୨ ପ୍ରମୋଟରଙ୍କ ନାଁରେ ଚାର୍ଜଫ୍ରେମ୍ କଲା ଇଡ଼ି




## ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ୍ ମାମଲା

**ଭୁବନେଶ୍ୱର:** ବହୁ ଚର୍ଚ୍ଚିତ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ୍ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆଉ ଗୋଟିଏ ପାଦ ଆଗେଇଛି। ଆଜି ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟ ତଥା ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ କୋର୍ଟରେ ଇଡି, ରୋଜ୍‌ଭ୍ୟାଲି ସଂସ୍ଥା ଓ ତା'ର ୨ ପ୍ରମୋଟରଙ୍କ ନାଁରେ ଚାର୍ଜଫ୍ରେମ୍ କରିଛି। ଦୁଇ ପ୍ରମୋଟର୍ ହେଲେ ଗୌତମ କୁଣ୍ଡୁ ଓ ଶିବମୟ ଦତ୍ତ। ଏହି ମହାଠକେଇ ତଥା ମହାଦୁର୍ନୀତିରେ ସେମାନଙ୍କ ଭୂମିକା କ'ଣ ଥିଲା ଏବଂ ସେମାନଙ୍କ ବିରୋଧରେ କେଉଁ କେଉଁ ଦଫାରେ ମାମଲା ଚାଲିବ, ସେନେଇ ଆଜି ଇଡି କୋର୍ଟରେ ତଥ୍ୟ ଦାଖଲ କରିଛି। ୨୦୧୬ ମସିହାରେ ଏହି ପ୍ରମୋଟରଦ୍ୱୟଙ୍କ ବିରୋଧରେ କୋର୍ଟରେ ମାମଲା ରୁଜୁ କରାଯାଇଥିଲା। ୮ବର୍ଷ ପରେ ଆଜି ଚାର୍ଜଫ୍ରେମ୍ କରାଗଲା। ଏହାପରେ ମାମଲାର ଶୁଣାଣି କାର୍ଯ୍ୟକ୍ରମ ଆଗେଇବ। ଚାର୍ଜଫ୍ରେମ୍ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲେ ହେଁ ଜମାକାରୀମାନେ ସେମାନଙ୍କ ଅର୍ଥ ଫେରି ପାଇବାର ଆଶା ବଢ଼ିଛି ବୋଲି କୁହାଯାଉଛି।

ଇଡି ପକ୍ଷରୁ ମିଳିଥିବା ସୂଚନାନୁସାରେ ରୋଜ୍‌ଭ୍ୟାଲି ସଂସ୍ଥାର ୩୩୨ କୋଟି ଟଙ୍କାର ସ୍ଥାବର ସମ୍ପତ୍ତିକୁ ଭୁବନେଶ୍ୱର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି। ଏହି ସ୍ଥାବର ସମ୍ପତ୍ତିର ମୂଲ୍ୟ ବର୍ତ୍ତମାନ ସୁଧ ସହ ୪୦୦କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ୨୦୧୫ ମାର୍ଚ୍ଚ ୧୫ରେ ଇଡି ରୋଜ୍‌ଭ୍ୟାଲିର ପ୍ରମୋଟର୍ ଗୌତମ କୁଣ୍ଡୁଙ୍କୁ ଗିରଫ କରିଥିଲା। ୨୦୧୬ରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଆଜି ଇଡି କୋର୍ଟରେ ଚାର୍ଜଫ୍ରେମ୍ କରିବା ପରେ ହତାଶ ହୋଇପଡ଼ିଥିବା ଜମାକାରୀମାନଙ୍କୁ ଏକପ୍ରକାର ଆଶ୍ୱସ୍ତି ମିଳିଛି। ଦ୍ରୁତ ଶୁଣାଣି ପ୍ରକ୍ରିୟା ବଳରେ ଜମାକାରୀମାନେ ସେମାନଙ୍କ ପୁଞ୍ଜି ଫେରିପାଇବେ ବୋଲି ଅଧିକ ଆଶାବାଦୀ ହୋଇପଡ଼ିଛନ୍ତି।

ଭୁବନେଶ୍ୱର କାର୍ଯ୍ୟାଳୟ ବାଦ୍ କୋଲକାତା, ଗୌହାଟି ଓ ଅଗରତଲା ସବ୍‌ଜୋନାଲ୍ କାର୍ଯ୍ୟାଳୟରେ ରୋଜ୍‌ଭ୍ୟାଲି ସଂସ୍ଥା ବିରୋଧରେ ମାମଲା ଚାଲିଛି। ଇଡିର କୋଲକାତା ଜୋନାଲ୍ ଅଫିସ୍, ରୋଜ୍‌ଭ୍ୟାଲି ସଂସ୍ଥାର ବିରୋଧରେ କରିଥିବା ମାମଲା ମଧ୍ୟରୁ ଗୋଟିକରେ ୧୨ କୋଟି ୩୬ ଲକ୍ଷ ଟଙ୍କାର ସମ୍ପତ୍ତି ଜବତ କରିଥିଲା। ଏହି ସମ୍ପତ୍ତିର ମୂଲ୍ୟ ସୁଧ ସହ ୧୯ କୋଟି ୪୦ ଲକ୍ଷ ଟଙ୍କା ହୋଇଥିଲା। କୋଲକାତା ହାଇକୋର୍ଟଙ୍କ ଦ୍ୱାରା ଗଠିତ ଆସେଟସ୍ ଡିସ୍‌ପୋଜାଲ୍ କମିଟିକୁ ଇଡି ଏହି ସମ୍ପତ୍ତି ହସ୍ତାନ୍ତର କରିସାରିଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଜମାକାରୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ଅନ୍ୟ ଏକ ମାମଲାରେ ଇଡି, ୧୧୭୨ କୋଟି ୬୮ ଟଙ୍କା ଜବତ କରିଥିଲା। ସେଥିରେ ଥିଲା ୧୪୭ କୋଟି ୬୪ ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ଓ ୧୦୨୫ କୋଟି ୪ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି।

ଜମାକାରୀଙ୍କୁ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟା ଜାରି ରହିଛି। ସେହିପରି ଗୌହାଟି ଇଡି ଜୋନାଲ୍ ଅଫିସ ପକ୍ଷରୁ ରୋଜ୍‌ଭ୍ୟାଲିର ୩୮ କୋଟି ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ଓ ଅଗରତଲା ସବ୍‌ଜୋନାଲ୍ ଅଫିସ୍ ପକ୍ଷରୁ ୮ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଏହି ଦୁଇ ମାମଲାରେ ଇଡି ପକ୍ଷରୁ ଚାର୍ଜଫ୍ରେମ୍ ସରିଛି ଏବଂ ଆସେଟ୍ ଡିସ୍‌ପୋଜାଲ୍ କମିଟି ସହ ଯୋଗାଯୋଗ ରଖାଯାଇଛି। ଏହି ଜବତ ଅର୍ଥକୁ କିପରି ଜମାକାରୀମାନଙ୍କୁ ଫେରସ୍ତ କରାଯିବ, ସେନେଇ ପଦକ୍ଷେପ ନିଆଯାଉଛି। ପଶ୍ଚିମବଙ୍ଗ ଓ ଆସାମର ଜମାକାରୀମାନେ ଟଙ୍କା ଫେରି ପାଇସାରିଥିବାରୁ ଏବେ ଓଡ଼ିଶା ଜମାକାରୀଙ୍କ ଭିତରେ ଉତ୍କଣ୍ଠା ବଢ଼ିଯାଇଛି। ସୂଚନାଯୋଗ୍ୟ ଯେ ୨୦୧୩ ମସିହାରେ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ୍ ସଂସ୍ଥା ବିରୋଧରେ ଓଡ଼ିଶାରେ ୨୫ରୁ ଅଧିକ ମାମଲା ହୋଇଥିଲା। ୨୦୧୪ ମସିହାରେ ଏହି ମାମଲାର ତଦନ୍ତ ଭାର ସିବିଆଇ ହାତକୁ ନେଇଥିଲା।

# ବିକାଶ ଖୋଜୁଛି ଆଦିବାସୀ ଗାଁ ତାଡ଼ିଝୁଲା

## ରାସ୍ତା,ପାଣି,ଆଲୁଅ ନାହିଁ



**ତାଡିଝୁଲା:** ବିକାଶ ଖୋଜୁଛି ଆଦିବାସୀ ଗାଁ ତାଡିଝୁଲା। ସ୍ୱାଧୀତାର ୭୭ ବର୍ଷ ପରେ ବି ଏହିଗାଁରେ ଭଲ ରାସ୍ତା ଟିଏ ନାହିଁ,ପିଇବାକୁ ପ୍ରଯ୍ୟାପ୍ତ ପାଣି ନାହିଁ,ଆଲୁଅ ନାହିଁ। ଗାଁରେ ବିଦ୍ୟୁତ ଟ୍ରାନ୍ସଫର୍ମର ବସିଛି,ବିଦ୍ୟୁତ୍ ଖୁଣ୍ଟ ଅଛି,ତାର ବି ଟଣା ହୋଇଛି କିନ୍ତୁ ବର୍ଷ ବର୍ଷ ବିତିଯାଉଥିଲେ ବି ବିଜୁଳି ଆଲୁଅର ଦେଖା ନାହିଁ।ପାନୀୟଜଳ ପାଇଁ ବାଲିଚୁଆ ଉପରେ ଭରସା କରନ୍ତି ଗ୍ରାମବାସୀ। ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ବେଡାଗାଁ ପଞ୍ଚାୟତ ଅନ୍ତର୍ଗତ ତାଡିଝୋଲା ଗାଁରେ।ଏହି ଗାଁରେ ପ୍ରାୟ ୧୦ ଘର କୁଟିଆ କନ୍ଧ ସମ୍ପ୍ରଦାୟର ଲୋକ ସ୍ୱାଧୀନତା ପୂର୍ବରୁ ବସବାସ କରି ଆସୁଛନ୍ତି ହେଲେ ପାନୀୟଜଳ ପାଇଁ ଗୋଟିଏ ନଳକୂଅ ରହିଛି ହେଲେ ତାହା କେବେ ସଚଳ ତ ଆଉ କେବେ ଅଚଳ ହୋଇପଡୁଛି। ଗ୍ରୀଷ୍ମ ଋତୁ ଆରମ୍ଭ ହେବା ମାତ୍ରେ ପର୍ଯ୍ୟାପ୍ତ ପରିମାଣର ପାଣି ମିଳୁନାହିଁ। ତେଣୁ ଗାଁ ନିକଟସ୍ଥ ନାଳରେ ଏକ ବଡ ପଥର ତଳେ ଚୁଆ ତିଆରି କରି ସେହି ଚୁଆର ପାଣିକୁ ପାନୀୟଜଳ ଭାବେ ଶୋଷ ମେଣ୍ଟାଇ ଥାଆନ୍ତି ଏହି ଗାଁଲୋକେ। ସେହିଭଳି ଆଜିକୁ ଦୀର୍ଘ ୪ବର୍ଷ ପୂର୍ବେ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ବିଦ୍ୟୁତ୍ ସଂଯୋଗର ମାତ୍ର କିଛି ସପ୍ତାହ ଆଲୁଅ ଜଳିବା ପରେ ଟ୍ରାନ୍ସଫର୍ମରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେହିଦିନଠାରୁ ଗାଁରେ ବିଜୁଳି ନାହିଁ। ଟ୍ରାନ୍ସଫର୍ମର ମରାମତି ପାଇଁ ବାରମ୍ବାର ଦାବି ହେଲେ ବି ବିଭାଗୀୟ ଅଧିକାରୀ ଶୁଣୁନ'ଥିବା ଗାଁ ଲୋକେ କହୁଛନ୍ତି। ଗାଁରେ ବିଦ୍ୟୁତ୍ ନଥିବା ଯୋଗୁଁ ଅନେକ ଅସୁବିଧା ସାମ୍ନା କରିବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି। ସ୍ୱାଧୀନତା ପୂର୍ବରୁ ବସବାସ କରୁଥିବା ଏହି ଗାଁର ମୁଖ୍ୟ ସମସ୍ୟା ହେଉଛି ରାସ୍ତା।ଦେହେଡା ଗାଁ ଠାରୁ ଏହି ଗାଁ ହାରାହାରି ମାତ୍ର ୧ ରୁ ୨ କିମି ଦୂର ରହିଥିବା ବେଳେ କେବଳ ପାଦଚଲା ରାସ୍ତା ଅଛି।ଗାଁକୁ ଆମ୍ବୁଲାନ୍ସ ଯିବା ଦୂରର କଥା. ବାଇକ ଯିବା କଷ୍ଟକର ହୋଇ ପଡୁଛି। ଯାହା ଫଳରେ ଲଟାବୁଦା ପାଦଚଲା ରାସ୍ତାରେ ଗୁରୁତର ରୋଗୀ,ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଦେହେଡା ଗାଁ ପର୍ଯ୍ୟନ୍ତ ଖଟିଆରେ ବୋହିକି ନେବାକୁ ପଡୁଛି। ଏହିପରି ଅବସ୍ଥାରେ ରହୁଥିବା ତାଡ଼ିଝୋଲା ଗ୍ରାମ ବାସୀଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ପହଞ୍ଚିଥିଲେ ଆମ ପ୍ରତିନିଧି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁରୀରୁ କୋରାପୁଟ....

ଭୂମିକା ଗ୍ରହଣ କରିଛନ୍ତି। ମହାପ୍ରଭୁଙ୍କ ରଥଯାତ୍ରା ପୂର୍ବରୁ ଏହି ଟ୍ରେନର ଲୋକାର୍ପଣ ଚଳିତ ବର୍ଷ ଭକ୍ତମାନଙ୍କ ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କର ଏକ ସୁନ୍ଦର ଉପହାର। ଏହି ଟ୍ରେନ ସପ୍ତାହକୁ ତିନି ଦିନ ଚାଲିବ ଏବଂ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ଯୋଡି ସମସ୍ତଙ୍କ ପାଇଁ ଏକ ସୁଖଦ ଯାତ୍ରାର ଅନୁଭବ ଆଣିବ। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଯେଉଁ ଲୋକମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିବେ କିମ୍ବା ଭୁବନେଶ୍ୱରକୁ କୌଣସି କାମରେ ଆସିବେ ସେମାନଙ୍କ ପାଇଁ ଏହି ଟ୍ରେନ ଏକ ଆଶୀର୍ବାଦ ସ୍ୱରୂପ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଛନ୍ତି ଯେ, ଉପତ୍ୟକାରୁ ଉପକୂଳକୁ ଯୋଡ଼ିବ ଏହି ନୂତନ ଟ୍ରେନ। ୫ ବର୍ଷରେ ରେଳ ବିକାଶ ପାଇଁ ଯେଉଁ କଥା ଦେଇଥିଲେ ଆଜି ଦୁଇ ବର୍ଷରେ ତାହା ପୂରଣ ହେବାକୁ ଯାଉଛି। ଏହା ହେଉଛି ଡବଲ୍ ଇଞ୍ଜିନ ସରକାରର କମାଲ୍। ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଏହି ଟ୍ରେନ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ରେଳ ଷ୍ଟେସନରେ ସମସ୍ତ ସୁବିଧା କରାଯାଉଛି। ରଥଯାତ୍ରା ଅବସରରେ ୩୦୦ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ପ୍ରକାଶ ଯେ ପୁରୀ-କୋରାପୁଟ ଏକ୍ସପ୍ରେସ ପୁରୀ, ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼, ରାୟଗଡ଼ା ଓ ଦାମନଯୋଡ଼ି ଦେଇ କୋରାପୁଟକୁ ସଂଯୋଗ କରିବ। ଏହି ନୂତନ ରେଳ ସେବା ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଯାତ୍ରୀ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ରୋଗୀମାନଙ୍କ ପାଇଁ ବେଶ୍ ଉପକାରୀ ହେବ ବୋଲି ଆଶା କରାଯାଉଛି।

ଉକ୍ତ କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏବଂ ପୁରୀ ଜିଲ୍ଲା ପ୍ରଶାସନ ଓ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଇଣ୍ଡୋନେସିଆ ସଂସଦରେ....

ପଟ୍ଟନାୟକଙ୍କ ପୁରୁଣା ଅବଦାନକୁ ମନେ ପକାଇଛନ୍ତି। ଭାରତ ଓ ଇଣ୍ଡୋନେସିଆକୁ ଅଧିକ ନିକଟତର କରିଥିବା ବିଜୁ ବାବୁଙ୍କୁ ସେ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, "ଦୁଇ ଦେଶ ପ୍ରାୟ ସମାନ ସମୟରେ ସ୍ୱାଧୀନତା ପାଇଥିଲେ। ଇଣ୍ଡୋନେସିଆ ୧୯୪୫ରେ ଓ ଭାରତ ୧୯୪୭ରେ ସ୍ୱାଧୀନ ହୋଇଥିଲା। ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରସଙ୍ଗରେ ଭାରତ ସର୍ବଦା ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରି ଆସିଛି।

ସେହି ସମୟରେ ସମ୍ମାନନୀୟ ବିଜୁ ପଟ୍ଟନାୟକ ଯେପରି ଭାବେ ପ୍ରଧାନମନ୍ତ୍ରୀ ସୁତାନ ସ୍ୟାହରିର ଓ ଉପରାଷ୍ଟ୍ରପତି ମହମ୍ମଦ ହାତ୍ତାଙ୍କୁ ସୁରକ୍ଷିତ ଭାବେ ଭାରତକୁ ଆଣିଥିଲେ, ତାହା ଦୁଇ ଦେଶର ସମ୍ପର୍କକୁ ଅଧିକ ନିବିଡ଼ ଓ ସୁଦୃଢ଼ କରିଥିଲା।" ବିଜୁ ପଟ୍ଟାନାୟକ ୧୯୪୭ରେ ଦେଖାଇଥିବା ସାହାସ ପାଇଁ ତାଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୯୬୧ ମସିହାରେ ସେ ଓଡ଼ିଶାର ୪ର୍ଥ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ପ୍ରଥମେ ସେ ୧୯୬୧ରୁ ୧୯୬୩ ଓ ପୁଣି ୧୯୯୦ରୁ ୧୯୯୫ ଯାଏ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

### ନାଇଜରର ସମାବର୍ତ୍ତନ

ମାଧ୍ୟମରେ ହିଁ ସମ୍ଭବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଉତ୍ତୀର୍ଣ୍ଣ ହେଉଥିବା ଯୁବପିଢ଼ି ବିଜ୍ଞାନ ଗବେଷଣା ଏବଂ ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ବିଶେଷ ଅବଦାନ ରଖୁଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରଗତି ହିଁ ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାଇଜରକୁ ଏକ ଅନନ୍ୟ ଅନୁଷ୍ଠାନ ଭାବେ ବର୍ଣ୍ଣନା କରିଛନ୍ତି। ଅତିକମ୍ ସମୟ ମଧ୍ୟରେ ଏହି ଅନୁଷ୍ଠାନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଗସ୍ତ କରିବା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ।

### ଏମ୍‌ଓୟୁ ଓଡ଼ିଶାରେ ୧.୧୦ ଲକ୍ଷ....

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶାର ପ୍ରଚୁର ସମ୍ବଳ ଓ ପ୍ରତିଭା ସହ ମଧ୍ୟପ୍ରାଚ୍ୟର ପୁଞ୍ଜି ଓ ଉଚ୍ଚ ପ୍ରଯୁକ୍ତିବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ଭାଗିଦାରୀ ଗଠନ ହେବ। ଏବେ ବିଶ୍ୱସ୍ତରରେ ଆଦୃତ ହେଉଥିବା 'ଗ୍ରୀନ୍ ମେଟାଲ୍ସ' ଓ ପରିବେଶ ଉପଯୋଗୀ ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶା ସମଗ୍ର ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଯାଉଛି। ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ 'ସମୃଦ୍ଧ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ନେଇ ସରକାର ଆଗକୁ ବଢୁଛନ୍ତି। ଆଲୁମିନିୟମ୍ ପ୍ରକଳ୍ପ ସହ ଗବେଷଣା ଓ ବିକାଶ, ମେଟାଲର୍ଜି, ଡିଜିଟାଲ୍ ସିଷ୍ଟମ୍ ଓ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର ଭଳି ଆଧୁନିକ କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି କରାଯିବ।

ପ୍ରକଳ୍ପ ପାଇଁ ଜମି, ଜଳ, ବିଦ୍ୟୁତ ଓ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁସାଙ୍ଗିକ ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ ସମୟବଦ୍ଧ ଭାବେ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ଉଭୟ କମ୍ପାନୀର ବରିଷ୍ଠ ଅଧିକାରୀ , ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ଶିଳ୍ପପତିମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ସରକାରଙ୍କ ଡାକସେବା ବିଫଳ, ଗ୍ରାହକ ଅସନ୍ତୋଷ




**ବ୍ରହ୍ମପୁର:** ସରକାର ଙ୍କ ଯୋଜନା ମାଳ ମାଳ ହେଲେ କାମ ପୁରା ଦୁର୍ବଳ, ଆମେ କହୁଛୁ ଏମିତି ଏକ ଘଟଣା ଯାହା କେନ୍ଦ୍ର ସରକାରଙ୍କ ଯୋଜନା ଡାକ ବିଭାଗ କଥା ଯାହା ଆପଣଙ୍କୁ ସ୍ତବ୍ଧ କରିଦେବ। ଆମେ କହୁଛୁ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଠାରେ ରହିଥିବା ମୁଖ୍ୟ ଡାକ ବିଭାଗ ର କଥା, ଆପଣ ମାନେ ଜାଣନ୍ତି ଯେ ବହୁ ବର୍ଷ ହେବ ଡାକ ବିଭାଗ ର ବିଷୟରେ ସବୁବେଳେ ଆମେ ଜାଣିଛେ ଯେ ସେ ଶୁଭେଚ୍ଛା ବାର୍ତ୍ତା ଟି ହେଉ କି କୌଣସି ଅଫିସ ହେଉ ସଦା ସର୍ବଦା ଜନତା ଜନାର୍ଦନ ଙ୍କ ଭରସା ପୋଷ୍ଟେଲ ଡିପାର୍ଟମେଣ୍ଟ ଉପରେ ? ହେଲେ ସବୁବେଳେ ଏହି ଡିପାର୍ଟମେଣ୍ଟ ରେ ପ୍ରାୟତଃ ଲିଙ୍କ ଫେଲ କେତେବେଳେ ଷ୍ଟାଫ ମାନଙ୍କ ମନ ମୁଖି କାର୍ଯ୍ୟ, ଗୋଟେ ଲୋକ ଯଦି ପୋଷ୍ଟ ଅଫିସ କୁ ଆସେ ତାକୁ ଅତି କମରେ ଗୋଟେ ଦିନ ତାର ବିତିଯିବ ପ୍ରାୟତଃ ବ୍ରହ୍ମପୁର ମୁଖ୍ୟ ପୋଷ୍ଟ ଅଫିସ କାର୍ଯ୍ୟାଳୟ ରେ ସରକାରୀ ବାବୁ ଆଉ ମେଡମ ମାନେ ଘରେ ବୋଧେ କଥା ହେବା କମ ହେଉଛି ଯେ ପୁଣି ଅଫିସ ରେ ଆସି ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବେ ସାଧାରଣ ଜନତା ଆଉ ସରକାରୀ ବାବୁ ମାନେ ଗୋଡ଼ ରେ ଗୋଡ଼ ରଖି ମଉଜ କରିବାକୁ ବୋଧେ କେନ୍ଦ୍ର ସରକାର ଦରମା ଦିଅନ୍ତି । ସେ ଯାହା ବି ହେଉଛି ଖାଲି ଏହା ବ୍ରହ୍ମପୁର ମୁଖ୍ୟ ଡାକ ର କଥା ନୁହେଁ ପୁରା ଗଞ୍ଜାମ ଜିଲ୍ଲାର ସବୁ ପୋଷ୍ଟ ଅଫିସ କଥା , ପୋଷ୍ଟ ମାଷ୍ଟର ମାନେ କିଏ ଏଗାର ଟା ରେ ଅଫିସ ଆସୁଛି ତ କିଏ ବିଭିନ୍ନ ପ୍ରକାର ବାହାନା ଦେଖେଇ ସାଧାରଣ ଲୋକଙ୍କୁ ହଇରାଣ ହୁଅନ୍ତି , ଡାକ ବିଭାଗ କର୍ମ ଚାରି ଙ୍କ ମନ ମୁଖି କାର୍ଯ୍ୟ କରିବାକୁ ସରକାର ଙ୍କ ଠାରୁ ଦରମା ନିଅନ୍ତି ଆଉ ଯଦି ଜଣେ ସାଧାରଣ ଜନତା ତାହାର ପ୍ରତିବାଦ କଲେ ତାକୁ ପୁଣି ହଇରାଣ ହେବା କୁ ପଡେ ଏଭଳି କାର୍ଯ୍ୟକୁ କେତେଦୂର ଠିକ ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ହେଉଛି ଏହାର ପ୍ରତିକ୍ରିୟା ପାଇଁ ବ୍ରହ୍ମପୁର ସୁପେରିଣ୍ଟେଣ୍ଡେଣ୍ଟ ଙ୍କୁ ଯୋଗାଯୋଗ କରିଥିଲେ ହେଁ ଅଫିସ ପହଞ୍ଚି ନଥିବା ଦେଖିବାକୁ ମିଳିଥିଲା,ପୋଷ୍ଟ ଅଫିସ ର ଯଦି ସାଧାରଣ ଷ୍ଟାଫ ଏମିତି ଟାଇମ ରେ ଅଫିସ ଆସୁଛନ୍ତି ତ ସେଠି କାର ବଡ଼ ପୋଷ୍ଟ କଥା କିଏ କହିବ । ବଡ଼ ଘର ବଡ଼ ଗୁମର କଥା ଗୋ ? ଏଣୁ କେନ୍ଦ୍ରୀୟ ସରକାର ଙ୍କ ଭାରତୀୟ ଡାକ ସେବା କୁ ଯେମିତି ସୁଚାରୁ ରୂପେ ଲୋକଙ୍କୁ ସୁବିଧା ଦେଲେ ସାଧାରଣ ଲୋକେ ଉପକୃତ ହୋଇ ପାରିବେ ବୋଲି ସାଧାରଣ ରେ ଚର୍ଚ୍ଚା ଦେଖିବାକୁ ମିଳୁଛି ଏଣୁ ମୋହନ ସରକାର ଏହାର ତଦନ୍ତ କରିବା ଆବଶ୍ୟକ ରହିଛି ଓ ଅଫିସର ଙ୍କ ଏହି ମନ ମୁଖି କାର୍ଯ୍ୟ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି ।

# ନୂଆ ତରିକାରେ ଲୁଟୁଛନ୍ତି ରାସନ ଚାଉଳ

**ରାଜନଗର :** ସରକାର ଗରିବ ଲୋକଙ୍କୁ ମାଗଣାରେ ରାସନ କାର୍ଡ ମାଧ୍ୟମରେ ମୁଣ୍ଡପିଛା ୫କିଲୋ ଚାଉଳ ଯୋଗାଇ ଦେଉଛନ୍ତି । ବିଭାଗ ପକ୍ଷରୁ ରିଟେଲର ପଏଣ୍ଟରେ ଚାଉଳ ବଣ୍ଟନ ପାଇଁ ଠିକସଂସ୍ଥା ଦାୟିତ୍ୱ ନେଇଛି। ଠିକାସଂସ୍ଥା ଦିନ ବେଳା ଚାଉଳ ଗୋଦାମରୁ ଉଠାଇ ରାସ୍ତାକଡରେ ଗାଡି ଠିଆ କରୁଛି। ରାତିବେଳା ଚାଉଳ ରିଟେଲର ପଏଣ୍ଟକୁ ନେବା ଘଟଣା ସାଧାରଣରେ ନାନା ପ୍ରଶ୍ନ ଉଙ୍କି ମାରୁଛି । ଯୋଗାଣ ବିଭାଗ ଚାଉଳକୁ ଠିକାସଂସ୍ଥା ଲୁଟିବାର ନୂଆ ତରିକା ଆପଣେଇଥିବା ଅଭିଯୋଗ ହୋଇଛି। ଉଷୁନା ଚାଉଳ ସହ ଅରୁଆ ଚାଉଳ ସରକାର ହିତାଧିକାରୀଙ୍କ ପାଇଁ ଯୋଗାଉ ଥିବାରୁ ଅନେକ ହିତାଧିକାରୀ ଅରୁଆ ଚାଉଳ ନେବାକୁ ରାଜି ହେଉ ନ ଥିବା ଜଣାପଡିଛି । ଅରୁଆ ଚାଉଳକୁ ହିତାଧିକାରୀ ନେବାକୁ କୁଣ୍ଠାବୋଧ କରୁଥିବାରୁ ରିଟେଲର ସେମାନଙ୍କୁ ବଜାର ଦରଠାରୁ କମ୍ ଟଙ୍କା ଦେଉଥିବା ଅଭିଯୋଗ ହେଉଛି ।

ରାଜନଗର ବ୍ଲକ୍‌ରେ ୫୨ଟି ରିଟେଲର ପଏଣ୍ଟ ରହିଛି । ଏହି ରିଟେଲରଙ୍କ ଅଧିନରେ ୩୬ହଜାର ୬୪୦ଟି ରାସନ କାର୍ଡ ରହିଛି । ପ୍ରତି ମାସରେ ୮ ହଜାର ୫ଶହ କ୍ୱିଣ୍ଟାଲ ଚାଉଳ ଏହି ବ୍ଲକ୍‌କୁ ଆସୁଛି । ରିଟେଲରମାନେ ଅନେକ ହିତାଧିକାରୀଙ୍କୁ ଟଙ୍କା ଦେଇ ଚାଉଳ ରଖିଦେଉଛନ୍ତି । ସେହି ଚାଉଳକୁ ରିଟେଲରମାନେ ଠିକାସଂସ୍ଥାକୁ ବିକ୍ରି ଦେଉଥିବା ଅଭିଯୋଗ ହେଉଛି। ଯାହାଫଳରେ ନୂଆ ଚାଉଳ ନ ଆସି ସେହି ପୁରୁଣା ଚାଉଳ ନୂଆ ଅଖାରେ ପଶି ଆସୁଛି। ସେଥିପାଇଁ ଠିକାସଂସ୍ଥା ରାତିରେ ଆଣି ରିଟେଲର ପଏଣ୍ଟରେ ଆବଶ୍ୟକ ମୁତାବକ ଚାଉଳ ଦେଇ ଅନେକ ଚାଉଳ ଫେରାଇ ନେବାରେ ସୁବିଧା ପାଉଥିବା ଅଭିଯୋଗ ହେଉଛି । ଏନେଇ ଯୋଗାଣ ବିଭାଗ ଅଧିକାରୀ କିମ୍ବା ସ୍ଥାନୀୟ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ସରକାରୀ ଚାଉଳ ନିୟମିତ ଲୁଟ୍ ହେଉଥିବା ଅଭିଯୋଗ ହେଉଛି । ଏହି ଚାଉଳ ଟ୍ରକରେ ଶହ ଶହ ବସ୍ତା ଚାଉଳ ଯାଉଛି, କୁଆଡେ ଯାଉଛି କିଛି ଉଲ୍ଲେଖ ନ ଥିବା ଦେଖିବାକୁ ମିଳିଛି । ଟ୍ରକଟି ରାଜନଗର ବ୍ଲକ୍ ସାନ ବଡ ଗୋପାଳପୁରରେ ଥିବା ସରକାରୀ ମଦ ଦୋକାନ ସମ୍ମୁଖରେ ଦୀର୍ଘ ସମୟ ଧରି ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଏନେଇ ଯୋଗାଣ ଅଧିକାରିଣୀ ଅଳକା ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଠିକାସଂସ୍ଥାକୁ ପଚାରୁଛି ବୋଲି କହି କଥାକୁ ଏଡାଇ ଯାଇଥିଲେ । ସରକାରୀ ଚାଉଳ କେଉଁ ସମୟରେ ରିଟେଲର ପଏଣ୍ଟରେ ପହଂଚିବ ସେ ନେଇ ବିଭାଗ ପାଖରେ ଖବର ରହିଲା ନାହିଁ କିପରି ?

# ରାସ୍ତା ମରାମତି ଦାବିରେ ରାସ୍ତାରୋକ୍



**ନୀଳଗିରି :** ନୀଳଗିରିରୁ ବଉଳଗଡ଼ିଆ ଓ ନୀଳଗିରିରୁ ମିତ୍ରପୁର ରାସ୍ତାର ମରାମତି ଦାବିରେ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଆଞ୍ଚଳିକ କମିଟି ପକ୍ଷରୁ ରାସ୍ତାରୋକ କରଯାଇଥିଲା। କମିଟି ପକ୍ଷରୁ ସକାଳ ୬ ଘଟିକାରୁ ପଞ୍ଚଲିଙ୍ଗେଶ୍ୱର ଛକ ଠାରେ ରାସ୍ତା ରୋକ କରାଯାଇ ଦଳର ନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ବିରୁଦ୍ଧରେ ତୀବ୍ର ସମାଲୋଚନା କରିଥିଲେ। ପଞ୍ଚଲିଙ୍ଗେଶ୍ୱର ଗୋଟିଏ ଉତ୍ତର ଓଡିଶା ର ପ୍ରସିଦ୍ଧ ଶୈବପୀଠ। ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ବୁଲିବା ପାଇଁ ଆସନ୍ତି। ଉକ୍ତ ରାସ୍ତା ଦେଇ ବାରିପଦାରୁ ଭୁବନେଶ୍ୱର ବହୁ ଲୋକ ଯାତାୟତ କରନ୍ତି। ବହୁ ବ୍ୟବସାୟୀ ଉକ୍ତ ରାସ୍ତାକୁ ବ୍ୟବସାୟ କ୍ଷେତ୍ରରେ ବ୍ୟବହାର କରନ୍ତି। ହେଲେ ଉକ୍ତ ରାସ୍ତାର ପରିସ୍ଥିତି କହିଲେ ନ ସରେ। ତେଣୁ ରାସ୍ତାର ପୁନରୁଦ୍ଧାର ପାଇଁ ଦଳ ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ଉପଜିଲ୍ଲାପାଳଙ୍କ ଅନୁରୋଧକ୍ରମେ ଡେପୁଟି କଲେକ୍ଟର ଇଶ୍ୱର ଚନ୍ଦ୍ର ରଣା ରାସ୍ତାରୋକ କ୍ଷେତ୍ରକୁ ଯାଇ ଉପଜିଲ୍ଲାପାଳ ପାଖକୁ ଏକ ପ୍ରତିନିଧି ମଣ୍ଡଳୀ ଯାଇ ଆଲୋଚନା କରିବାକୁ ଅନୁରୋଧ କରିଥିଲେ। ଅନୁରୋଧକୁ ରକ୍ଷା କରି ଦଳ ପକ୍ଷରୁ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଗୋବିନ୍ଦ ବାରିକ, କେଶବ ଲେଙ୍କା ଯାଇଥିଲେ। ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ପୂର୍ତ୍ତ ବିଭାଗର ଅଧିକାରୀ, ବନ ବିଭାଗ ଅଧିକାରୀ, ପୁଲିସ ଅଧିକାରୀଙ୍କ ଉପସ୍ଥିତରେ ଦାବିପତ୍ର ବିଷୟ ଉପରେ ଆଲୋଚନା କରାଯାଇଥିଲା। ପନ୍ଦର ଦିନ ମଧ୍ୟରେ ଉକ୍ତ ରାସ୍ତା ଦୁଇଟି ମରାମତି ସାରିବା ପାଇଁ ପ୍ରତିଶ୍ରୁତି ଦେବା ସହିତ ବାତ୍ୟାରେ କ୍ଷତି ହୋଇ ଥିବା ସମସ୍ତ ଲୋକଙ୍କୁ ତଦନ୍ତ କରାଯାଇ କ୍ଷତି ପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ପ୍ରଶାସନ ପକ୍ଷରୁ ମିଳିବାରୁ ରାସ୍ତାରୋକ ହଟାଇ ନିଆଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ନିର୍ମଳ ନାୟକ, ନରୋତ୍ତମ ମହାପାତ୍ର, ମୃତ୍ୟୁଞ୍ଜୟ ନାୟକ, ଗଙ୍ଗାଧର ମହାନ୍ତି, ନାରାୟଣ ଧମୁଡ଼ିଆ, ତ୍ରିଲୋଚନ ସ, ସତ୍ୟଜିତ ଦାସ, ରାମ ଚନ୍ଦ୍ର ସିଂ, ହେମେନ୍ଦ୍ର ସେଠିଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

ଓଡ଼ିଶା ନିଶବ୍ଦ
ସାପ୍ତାହିକ ଖବର କାଗଜ
THE ODISHA NISHABDA




# ସେନାରେ ବଢୁଛି ଆବଶ୍ୟକତା, ବଢ଼ିବ ଅଗ୍ନିବୀରଙ୍କ ସ୍ଥାୟୀ କୋଟା !



**ନୂଆଦିଲ୍ଲୀ:** ଭାରତୀୟ ସେନା ବାହିନୀ ବଢୁଛି ଯବାନଙ୍କ ଆବଶ୍ୟକତା। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ କେନ୍ଦ୍ର ସରକାର ସେନା ବାହିନୀରେ ଅଗ୍ନିବୀରଙ୍କ ସ୍ଥାୟୀ କୋଟକୁ ବୃଦ୍ଧି କରିପାରନ୍ତି। ପ୍ରଥମ ଦଫାରେ ଭାରତୀୟ ସେନା ବାହିନୀରେ ସାମିଲ ହୋଇଥିବା ଅଗ୍ନିବୀରଙ୍କ ୪ ବର୍ଷୀୟା କାର୍ଯ୍ୟକାଳ ଆସନ୍ତା ବର୍ଷ ଶେଷ ହେବ।ସେମାନଙ୍କ ମଧ୍ୟରୁ ଧାର୍ଯ୍ୟ କୋଟାରୁ ଅଧିକ ସଂଖ୍ୟକ ଅଗ୍ନିବୀରଙ୍କୁ ସଶସ୍ତ୍ର ବଳରେ ସ୍ଥାୟୀ ନିଯୁକ୍ତି ମିଳିପାରେ। ଏନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ଭାରତୀୟ ସ୍ଥଳ ସେନା, ନୌସେନା ଓ ବାୟୁ ସେନା ୨୫%ରୁ ଅଧିକ ଅଗ୍ନିବୀରଙ୍କୁ ସେମାନଙ୍କ ୪ ବର୍ଷର କାର୍ଯ୍ୟକାଳ ପରେ ସ୍ଥାୟୀ ଭାବେ ନିଜ ସହ ରଖିବାକୁ ଚାହୁଁଥିବା ଗୋଟିଏ ପ୍ରସ୍ତାବ ଦେଇଛନ୍ତି। ୩ ସେନା ବାହିନୀ ମଧ୍ୟରୁ ନୌସେନା ସବୁଠାରୁ ଅଧିକ ଅର୍ଥାତ ୭୫% ଅଗ୍ନିବୀରଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଲକ୍ଷ୍ୟରେ ରହିଛି। ସ୍ଥଳ ସେନା ଓ ବାୟୁ ସେନା ଧାର୍ଯ୍ୟ ୨୫% କୋଟାକୁ ୫୦% ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି।

ବାକି ଅଗ୍ନିବୀରଙ୍କୁ ୪ ବର୍ଷ ପରେ ନିୟମ ଅନୁସାରେ 'ସେବା ନିଧି' ଜରିଆରେ ଏକକାଳୀନ ଆର୍ଥିକ ପ୍ୟାକେଜ୍, ଦକ୍ଷତା ପ୍ରମାଣପତ୍ର ଓ ସେମାନେ କେମିତି ସାଧାରଣ ଚାକିରିକୁ ସହଜରେ ପାଇପାରିବେ, ସେନେଇ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ସୁପାରିସ କରାଯାଇଛି।

୨୦୨୩ ମସିହାର ପ୍ରାରମ୍ଭରେ ପ୍ରଶିକ୍ଷଣ ଆରମ୍ଭ କରିଥିବା ପ୍ରଥମ ବ୍ୟାଚ୍ ଅଗ୍ନିବୀରଙ୍କ ୪ ବର୍ଷର କାର୍ଯ୍ୟକାଳ ଆସନ୍ତାବର୍ଷ ସମାପ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ସେନା ବାହିନୀରେ ସ୍ଥାୟୀ ନିଯୁକ୍ତିର କୋଟା ବଢ଼ାଇବା ନେଇ ଆଲୋଚନା ଆରମ୍ଭ ହୋଇଥିବା ରିପୋର୍ଟରେ ଦାବି କରାଯାଇଛି। ଏହି ପ୍ରସ୍ତାବକୁ ସାମରିକ ବ୍ୟାପାର ବିଭାଗ ବିଚାରକୁ ନେଇପାରେ। ବିଭାଗର ନିଷ୍ପତ୍ତି ପରେ ହିଁ ସ୍ଥାୟୀ କୋଟା ବୃଦ୍ଧି ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ଗୋଟିଏ ସୂତ୍ରରେ କୁହାଯାଇଛି ଯେ ଯଦି ସରକାର ପ୍ରସ୍ତାବ ଅନୁସାରେ ସ୍ଥାୟୀ କୋଟା ବୃଦ୍ଧି ନ କରନ୍ତି, ତଥାପି କିଛି ବିଶେଷ ୟୁନିଟ୍ ?ରେ ଅଧିକ ଅଗ୍ନିବୀରଙ୍କୁ ସ୍ଥାୟୀ ଭାବେ ସାମିଲ କରିବା ଉପରେ ବିଚାର କରିପାରନ୍ତି। ସେହିପରି ସେନାରେ କର୍ମଚାରୀ ଅଭାବ ପୂରଣ ପାଇଁ ବାର୍ଷିକ ନିଯୁକ୍ତି ସଂଖ୍ୟା ବଢ଼ାଇବାର ମଧ୍ୟ ଯୋଜନା ରହିଛି।

ଗତ ବର୍ଷ ପ୍ରାୟ ୭୦,୦୦୦ ଅଗ୍ନିବୀରଙ୍କୁ ପ୍ରଶିକ୍ଷଣ ପାଇଁ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ନିଯୁକ୍ତି ଚକ୍ରରେ ଏହି ସଂଖ୍ୟା ପ୍ରାୟ ୯୦,୦୦୦କୁ ବୃଦ୍ଧି ପାଇପାରେ। ଭାରତୀୟ ସେନାରେ ଏବେ ଥିବା ପ୍ରାୟ ୧.୮ ଲକ୍ଷ କର୍ମଚାରୀଙ୍କ ଅଭାବ ପୂରଣ କରିବା ସହ ଅଗ୍ନିପଥ ନିଯୁକ୍ତି ମଡେଲ୍ ଅନୁଯାୟୀ ସେନାର କାର୍ଯ୍ୟ ଦକ୍ଷତାକୁ ଆହୁରି ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଏପରି ନିଷ୍ପତ୍ତି ନେଇ ପାରନ୍ତି। ତେବେ ଏପର୍ଯ୍ୟନ୍ତ ଭାରତୀୟ ସେନା ବାହିନୀ କିମ୍ବା କେନ୍ଦ୍ର ସରକାର ପକ୍ଷରୁ ଏନେଇ କୌଣସି ପ୍ରକାରର ପ୍ରତିକ୍ରିୟା ପ୍ରକାଶ ପାଇନି।

ଏହି ଯୋଜନାରେ ନିଯୁକ୍ତ ଯବାନମାନଙ୍କୁ 'ଅଗ୍ନିବୀର' କୁହାଯାଏ। ଏହି ଯୋଜନାରେ ଆବେଦନ ପାଇଁ ବୟସ ସୀମା ୧୭.୫ ବର୍ଷରୁ ୨୧ ବର୍ଷ ରହିଛି। କୋଭିଡ୍-୧୯ ମହାମାରୀ କାରଣରୁ ପ୍ରଥମ ନିଯୁକ୍ତି ପର୍ଯ୍ୟାୟରେ ଉପର ବୟସ ସୀମାକୁ ଅସ୍ଥାୟୀ ଭାବେ ୨୩ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇଥିଲା।

ଚାରି ବର୍ଷର ସେବା ସମାପ୍ତ ପରେ ସେନାର ଆବଶ୍ୟକତା ଓ କାର୍ଯ୍ୟଦକ୍ଷତା ଆଧାରରେ ସର୍ବାଧିକ ୨୫ ପ୍ରତିଶତ ଅଗ୍ନିବୀରଙ୍କୁ ସ୍ଥାୟୀ ସେବାରେ ନିଯୁକ୍ତ କରାଯିବାର ବ୍ୟବସ୍ଥା ରହିଛି। ଅବଶିଷ୍ଟ ୭୫ ପ୍ରତିଶତଙ୍କୁ ଟିକସ ମୁକ୍ତ ସେବା ନିଧି ପ୍ୟାକେଜ୍, ଦକ୍ଷତା ପ୍ରମାଣପତ୍ର ଓ କେତେକ ସରକାରୀ ନିଯୁକ୍ତିରେ ପ୍ରାଥମିକତା ଦିଆଯିବାର ପ୍ରାବଧାନ ରହିଛି। ଅଗ୍ନିବୀରମାନଙ୍କୁ ପ୍ରଥମେ ସାମରିକ ପ୍ରଶିକ୍ଷଣ ଦିଆଯାଏ।

ତା'ପରେ ସେମାନଙ୍କୁ କାର୍ଯ୍ୟକ୍ଷେତ୍ର ଓ ଅଣ-କାର୍ଯ୍ୟକ୍ଷେତ୍ର ଦାୟିତ୍ୱରେ ନିଯୁକ୍ତ କରାଯାଏ। ୪ ବର୍ଷର ସେବା ଅବଧିରେ ସେମାନେ ମାସିକ ବେତନ ଓ ପ୍ରତିବର୍ଷ ବେତନ ବୃଦ୍ଧି ପାଆନ୍ତି। ସେମାନଙ୍କ ବେତନର ଏକ ଅଂଶ 'ସେବା ନିଧି' ପାଣ୍ଠିରେ ଜମା ହୁଏ, ଯାହା ସହ ସରକାର ସମାନ ପରିମାଣର ଅର୍ଥ ମଧ୍ୟ ପୈଠ କରନ୍ତି।

ସେବା ସମାପ୍ତି ପରେ ଅଗ୍ନିବୀରମାନେ ଏକକାଳୀନ 'ସେବା ନିଧି' ପ୍ୟାକେଜ୍ ପାଆନ୍ତି। ଏଥିରେ ସେମାନଙ୍କ ନିଜସ୍ୱ ଅବଦାନ, ସେଥିରେ ମିଳିଥିବା ସୁଧ ଓ ସରକାରଙ୍କ ସମାନ ପରିମାଣର ଅବଦାନ ସହ ସୁଧ ସାମିଲ ଥାଏ। ଏହାଛଡ଼ା, ସେବା ଅବଧି ମଧ୍ୟରେ ସେମାନଙ୍କୁ ୪୮ ଲକ୍ଷ ଟଙ୍କାର ଜୀବନ ବୀମା ମଧ୍ୟ ଦିଆଯାଏ।

# ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ମୋଦିଙ୍କ ଇଣ୍ଡୋନେସିଆ ଗସ୍ତର ପ୍ରଥମ ଦିନରେ ଆଜି ଜକାର୍ତ୍ତାରେ ପହଞ୍ଚିଛନ୍ତି । ଇଣ୍ଡୋନେସିଆରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସର୍ବୋଚ୍ଚ ସମ୍ମାନ 'ବିଟିଙ୍ଗ ଆଦିପୂର୍ଣ୍ଣ' ସମ୍ମାନ ପଦକରେ ସମ୍ମାନିତ କରାଯାଇଛି । ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋ ମୋଦିଙ୍କୁ ସମ୍ମାନିତ କରିଛନ୍ତି । ଭାରତ ଇଣ୍ଡୋନେସିଆ ସେନାକୁ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଯୋଗାଇବ ବୋଲି ଚୁକ୍ତି ସ୍ୱାକ୍ଷର କରିଛନ୍ତି ।

ଏହି ସ୍ୱାଗତ ପାଇଁ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ‘‘ସ୍ୱାଗତ ପାଇଁ ମୁଁ ମୋର ବନ୍ଧୁ ରାଷ୍ଟ୍ରପତି ପ୍ରବୋଓଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି । ଗତ ବର୍ଷ ଭାରତର ଗଣତନ୍ତ୍ର ଦିବସରେ ତାଙ୍କୁ ଆମେ ଅତିଥି ଭାବେ ସ୍ୱାଗତ କରିବାର ସୁଯୋଗ ପାଇଥିଲୁ । ଆଜି ତାଙ୍କ ଆତ୍ମୀୟତା ନିମନ୍ତ୍ରଣରେ ଇଣ୍ଡୋନେସିଆ ଗସ୍ତରେ ମୁଁ ଆନନ୍ଦିତ । ଆଜି ସକାଳେ ମୋତେ ବହୁତ ସ୍ନେହ ଏବଂ ସମ୍ମାନ ସହିତ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଦିଆଯାଇଛି। ଏହି ସମ୍ମାନ କୋଟି କୋଟି ଭାରତୀୟଙ୍କର, ଇଣ୍ଡୋନେସିଆର ଲୋକଙ୍କ ଭାବନାର । ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଐତିହାସିକ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କର । ମୁଁ ରାଷ୍ଟ୍ରପତି ପ୍ରବୋଓ, ଇଣ୍ଡୋନେସିଆ ସରକାର ଏବଂ ଏଠାକାର ଲୋକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି ।”

ସେ ଆହୁରି ମଧ କହିଛନ୍ତି ଯେ, ‘‘୨୦୧୮ର ବ୍ୟାପକ ରଣନୈତିକ ସହଭାଗୀତା ଆଜି ଏକ ନୂଆ ଉଡାଣ ନେଉଛି । ବିକାଶ, ସୁରକ୍ଷା, ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ଆମେ ଅଗ୍ରଗତି କରୁଛୁ । ମୁଁ ନିଶ୍ଚିତ ଯେ ଆଜି ଭାରତ-ଇଣ୍ଡୋନେସିଆ ସହଭାଗୀତାର ଏକ ସୁବର୍ଣ୍ଣ ଅଧ୍ୟାୟ ଆରମ୍ଭ ହେବ। ଆମ ଦେଶମାନଙ୍କ ମଧ୍ୟରେ ବଢୁଥିବା ବିଶ୍ୱାସ ଆମର ପ୍ରତିରକ୍ଷା, ସୁରକ୍ଷା ଏବଂ ସାମୁଦ୍ରିକ ସହଯୋଗକୁ ମଜବୁତ କରୁଛି। ଆଜି ଆମେ ପ୍ରତିରକ୍ଷା ଆଦାନପ୍ରଦାନ, ବିପର୍ଯ୍ୟୟ ପରିଚାଳନା ଏବଂ ଶିକ୍ଷ ସହଯୋଗ ବୃଦ୍ଧି କରିବାକୁ ରାଜି ହୋଇଛୁ ।”

ସେପଟେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଇଣ୍ଡୋନେସିଆ ଗସ୍ତ ଦୁଇ ଦେଶ ମଧ୍ୟରେ ବଡ଼ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭାରତ ଇଣ୍ଡୋନେସିଆ ପାଇଁ ସ୍ୱତନ୍ତ୍ର

ରଠଗ ବିକାଶ କରିବାରେ ସାହାଯ୍ୟ କରିବ । ଯଦି ଏହା ହୁଏ ତେବେ ଏହାକୁ ଭାରତର ନିର୍ବାଚନ ପରିଚାଳନା ମଡେଲକୁ ଅଧିକ ମାନ୍ୟତାରେ ଦେଖାଯିବ । ଅପରେସନ୍ ସିନ୍ଦୁର ସମୟରେ ଏୟାର-ଟୁ-ଏୟାର ମିସାଇଲର ସଫଳତା ପରେ ଭାରତଠାରୁ ଘାତକ ଅସ୍ତ୍ର ମିସାଇଲ କିଣିବାକୁ ଇଣ୍ଡୋନେସିଆ ନିଷ୍ପତ୍ତି ନେଇଛି ।

# ଇରାନ ଉପରେ ଟ୍ରମ୍ପସେନାର ମିସାଇଲ ମାଡ଼ !

ଆମେରିକା : ବଦଲା ନେଲା ଆମେରିକା ! । ଇରାନ ଉପରେ ଟ୍ରମ୍ପସେନାର ମିସାଇଲ ମାଡ଼ ! । ୮୦ଟି ଘାଟି ଧ୍ୱଂସ । ଇରାନର ସାମରିକ ଘାଟି ଉପରେ ବୋମାମାଡ କରିଛି ଆମେରିକା। କିଛି ସପ୍ତାହ ପୂର୍ବରୁ ହୋଇଥିବା ଅସ୍ଥାୟୀ ସରକାରୀ ଚୁକ୍ତିକୁ ବେଖାତିର କରି ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ଭୟଙ୍କର ସାମରିକ ସଂଘର୍ଷ ଆରମ୍ଭ ହୋଇଛି। ଇରାନର ଚେତାବନୀ ମଧ୍ୟରେ ଓମାନ ଉପକୂଳ ନିକଟରେ ୩ଟି ବୃହତ ବାଣିଜ୍ୟିକ ତେଲ ଟ୍ୟାଙ୍କର ଉପରେ ଡ୍ରୋନ୍ କିମ୍ବା ମିସାଇଲ ମାଡ଼ ହୋଇଥିଲା। ଏଥିମଧ୍ୟରେ କତାରର ଏଲ୍ ଏନ୍ ଜି ଟ୍ୟାଙ୍କର 'ଅଲ୍-ରେକାୟାତ'ର ଇଞ୍ଜିନ ରୁମ୍ ରେ ନିଆଁ ଲାଗିଯାଇଥିବା ବେଳେ ସାଉଦି ଆରବର ଅଶୋଧିତ ତେଲ ଟ୍ୟାଙ୍କର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣ ପାଇଁ ଆମେରିକା ସିଧାସଳଖ ଇରାନକୁ ଦାୟୀ କରିଛି ।

ସାମୁଦ୍ରିକ ଆକ୍ରମଣର ଜବାବରେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଇରାନ ବିରୋଧରେ ବଡ଼ ଧରଣର ପୁନିଟିଭ୍ ଆକ୍ସନ ନେଇଛି। କେଶ୍ମ ଦ୍ୱୀପ, ବନ୍ଦର ଅବ୍ବାସ ଓ ସିରିକକୁ ଟାର୍ଗେଟ କରିଛି ଆମେରିକା । ପୂର୍ବ ଅପେକ୍ଷା ୪ରୁ ୫ ଗୁଣ ଅଧିକ ଶକ୍ତିଶାଳୀ ଆକ୍ରମଣରେ ଆମେରିକା ସେନା ଇରାନର ୮୦ରୁ ଅଧିକ ସାମରିକ ଲକ୍ଷ୍ୟସ୍ଥଳକୁ ଧ୍ୱଂସ କରିଦେଇଛି। ଇରାନ ରିଭୋଲ୍ୟୁସନାରୀ ଗାର୍ଡର ୬୦ରୁ ଅଧିକ ଛୋଟ ଯୁଦ୍ଧ ଡଙ୍ଗା, ମିସାଇଲ ଲଞ୍ଚିଂ ପ୍ୟାଡ୍, କମାଣ୍ଡ ସେଣ୍ଟର ଓ ଏୟାର ଡିଫେନ୍ସ ସିଷ୍ଟମ ସମେତ ଉପକୂଳବର୍ତ୍ତୀ ରାଡାର ଓ ଡ୍ରୋନ୍ ତିଆରି କାରଖାନା ଆକ୍ରମଣର ମୁଖ୍ୟ ଟାର୍ଗେଟ ଥିଲା। ଆକ୍ରମଣ ସହ ଆମେରିକା ଇରାନ ଉପରେ ଆର୍ଥିକ ଚାପ ବଢ଼ାଇଛି। ପୂର୍ବ ଚୁକ୍ତି ଅନୁସାରେ ଇରାନକୁ ମିଳିଥିବା ସୀମିତ ତେଲ ବିକ୍ରି ଲାଇସେନ୍ସକୁ ଟ୍ରମ୍ପଙ୍କ ପ୍ରଶାସନ ରଦ୍ଦ କରିଛି। ସଂଘର୍ଷ ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ତେଲ ଦର ବ୍ୟାରେଲ ପିଛା ୭୬ ଡଲାର ପାର୍ କରିଯାଇଛି, ଯାହା ଆଗକୁ ବିଶ୍ୱରେ ମହଙ୍ଗା ସ୍ଥିତି ସୃଷ୍ଟି କରିପାରେ। ଏପଟେ ଇରାନର





# ଥକାମନ ଚାଲ ଯିବା,
# ଚକା ନୟନ ଦେଖିବା...

**ଶ୍ରୀଜଗନ୍ନାଥ ଓଡ଼ିଆ ଜୀବନର ସଂସ୍କୃତିର ପ୍ରାଣ ସ୍ପନ୍ଦନ। ବର୍ଷ ସାରା ଭକ୍ତ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କୁ ଦର୍ଶନ କରି ବି ମନରେ ଅଭିଳାଷ ରଖିଥାଏ କେବେ ସେ ଆସିବେ ବଡ଼ଦାଣ୍ଡକୁ ରଥାରୁଢ ହୋଇ, ଓ ଭକ୍ତ ତାଙ୍କୁ ବଡ଼ଦାଣ୍ଡରେ ଭେଟିବ। ଭକ୍ତ ଓ ଭଗବାନଙ୍କର ଏହି ଅପୂର୍ବ ମିଳନର ପର୍ବ ଶ୍ରୀଗୁଣ୍ଡିଚା ଉପସ୍ଥିତ। ଏହି ଅବସରରେ ତିନି ଠାକୁରଙ୍କ ରଥ ପଛର କାହାଣୀ ସ୍କନ୍ଦ ପୁରାଣରେ ଲିଖିତ ଶୃଙ୍ଖଳା ତଥା ଓଡ଼ିଶାରେ ଓ ଓଡ଼ିଶା ବାହାରେ ହେଉଥିବା ରଥଯାତ୍ରା ସମ୍ପର୍କରେ ଓଡ଼ିଶା ନିଶବ୍ଦର ବିଶେଷ ଉପସ୍ଥାପନା।**

## କେଉଁଠି-କେମିତି-ହୁଏ-ରଥଯାତ୍ରା

କୋଣାର୍କ: ପୂର୍ବେ ମାଘ ଶୁକ୍ଳ ପଞ୍ଚମୀ(ଶ୍ରୀପଞ୍ଚମୀ) ଦିନ କୋଣାର୍କରେ ସୂର୍ଯ୍ୟଦେବଙ୍କର ରଥଯାତ୍ରା ହେଉଥିଲା। ଚୈତ୍ର ଶୁକ୍ଳ ଅଷ୍ଟମୀ (ଅଶୋକାଷ୍ଟମୀ) ଦିନ ଭୁବନେଶ୍ୱରରେ ଲିଙ୍ଗରାଜଙ୍କର ରଥଯାତ୍ରା ଅନୁଷ୍ଠିତ ହେଉଛି।

ଖଣ୍ଡଗିରି: ଖଣ୍ଡଗିରିରେ ମଧ୍ୟ ରଥଯାତ୍ରା ହେଉଥିବା କଥା ଶୁଣିବାକୁ ମିଳେ। 'ଅନନ୍ତ ବାସୁଦେବ ଓ କିଶୋରୀଙ୍କ ବିଗ୍ରହଦ୍ୱୟ ଗିରି(ଖଣ୍ଡଗିରି) ଶିଖରରେ ବିରାଜମାନ କରୁଥିବାବେଳେ ଫଳାହାରୀ ନାମକ ଏକ ସନ୍ନ୍ୟାସୀ ଶ୍ରୀବିଗ୍ରହଙ୍କର ସେବା ପୂଜା କରୁଥିଲେ। ଆଷାଢ଼ ଶୁକ୍ଳଦ୍ୱିତୀୟାଠାରୁ ଦଶମୀ ପର୍ଯ୍ୟନ୍ତ ଆସି ସେଠାରେ ଆଠଦିନ ରହି ଦଶମୀଦିନ ପ୍ରତ୍ୟାଗମନ କରୁଥିଲେ। ସନ୍ନ୍ୟାସୀଙ୍କର ଲୋକାନ୍ତର ପରେ ଗ୍ରାମବାସୀମାନେ ଶ୍ରୀବିଗ୍ରହଙ୍କୁ ଆଣି ଏକ ମଠରେ ରଖିଛନ୍ତି। ରଥଯାତ୍ରା ସମୟରେ ଦେବମୂର୍ତ୍ତିଦ୍ୱୟ ରଥାରୋହଣପୂର୍ବକ ଉଦୟଗିରି ପର୍ଯ୍ୟନ୍ତ ଯାତ୍ରା କରି ତତ୍ରସ୍ଥିତ ହରିଦାସ ନାମକ ଗୁହାରେ ଆଠଦିନ ରହି ପ୍ରତ୍ୟାଗମନ କରନ୍ତି। ଅନନ୍ତ ବାସୁଦେବ ଓ କିଶୋରୀଙ୍କ ରଥଯାତ୍ରା ଜଗନ୍ନାଥଙ୍କ ରଥଯାତ୍ରା ପରି।

ମା ବିରଜା: ଯାଜପୁର ବିରଜାଙ୍କ ଦଶହରାବେଳେ ରଥଯାତ୍ରା ହୁଏ।

ହିନ୍ଦୁମାନଙ୍କ ପର୍ବ-ପର୍ବାଣି ଓ ଉତ୍ସବ ମଧ୍ୟରେ ରଥଯାତ୍ରା ଏକ ପ୍ରଧାନ ଉତ୍ସବ। ଲୋକ ସମାଗମ ଓ ପବିତ୍ରତା ଦୃଷ୍ଟିରୁ ଭାରତ କାହିଁକି ସମଗ୍ର ପୃଥିବୀରେ ମଧ୍ୟ ଏହି ଯାତ୍ରା ଅଦ୍ୱିତୀୟ କହିଲେ ଚଳେ। ଏକ ବାର୍ଷିକ ଉତ୍ସବରେ ଭାରତର ଅନ୍ୟ କୌଣସି ସ୍ଥାନରେ ପୁରୀ ଭଳି ଏତେ ଜନସମାଗମ ହୁଅନ୍ତି ନାହିଁ। ରଥଯାତ୍ରା କହିଲେ ହିନ୍ଦୁ ସମାଜରେ ଓ ଭାରତ ବାହାରେ ପୁରୀର ରଥଯାତ୍ରାକୁ ହିଁ ବୁଝାଏ। ହିନ୍ଦୁ ଧର୍ମୀୟ ପରମ୍ପରାରେ ରଥର ବ୍ୟବହାର ବହୁ କାଳରୁ ପ୍ରଚଳିତ ଅଛି। ବୈଦିକ ଗ୍ରନ୍ଥମାନଙ୍କରେ ରଥର ଉଲ୍ଲେଖ ଅଛି।

**ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ**
**ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ। (କଠୋପନିଷଦ)**

ଏଠାରେ ଶରୀରକୁ ରଥ ସହିତ ତୁଳନା କରାଯାଇଛି। ରଥର ଅସ୍ତିତ୍ୱ ଉପନିଷଦର ସମୟ ବା ପ୍ରାୟ ୫୦୦୦ ବର୍ଷ ପୂର୍ବରୁ ନଥିଲେ ଉପନିଷଦରେ ଏହାର ଉଲ୍ଲେଖ ହୋଇନଥାନ୍ତା। ଇନ୍ଦ୍ର ଓ ବିଷ୍ଣୁଙ୍କର ରଥ ଥିବାର ମଧ୍ୟ ଜଣାଯାଏ। ଏ ସବୁ ବୌଦ୍ଧ ବା ଜୈନ ଯୁଗର ବହୁ ପୂର୍ବବର୍ତ୍ତୀ ବିଷୟ। ତା'ଛଡ଼ା ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ପ୍ରାଚୀନ ଇତିହାସ ଓ ପୁରାଣମାନଙ୍କରେ ରଥର ବର୍ଣ୍ଣନା ବହୁ ସ୍ଥାନରେ ଦେଖାଯାଏ। ଶ୍ରୀଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ, ସୁଭଦ୍ରାଙ୍କ ରଥର ନାମ ଦର୍ପଦଳନ, ବଳରାମଙ୍କ ରଥର ନାମ ତାଳଧ୍ୱଜ। ଇନ୍ଦ୍ରଙ୍କର ବିମାନର ବର୍ଣ୍ଣନା ବହୁ ପୁରାଣରେ ଅଛି। ଦେବତା ଓ ରାଜାମାନେ ପୂର୍ବେ ରଥର ବ୍ୟବହାର କରୁଥିଲେ। ଯୁଦ୍ଧରେ ରଥର ଆବଶ୍ୟକତା ବିଶେଷ ପରିମାଣରେ ରହୁଥିଲା। ସାଧାରଣ ଯାତାୟାତ କରିବା ପାଇଁ ରାଜାମାନେ ରଥ ବ୍ୟବହାର କରୁଥିଲେ।

ଓଡ଼ିଶାରେ କୋଣାର୍କର ସୂର୍ଯ୍ୟମନ୍ଦିର ରଥ ଆକାରରେ ଗଠିତ। ଦାକ୍ଷିଣାତ୍ୟର ହାମ୍ପି (ପ୍ରାଚୀନ ବିଜୟନଗର) ଠାରେ ରଥ ଆକାରରେ ଏକ ମନ୍ଦିର ଅଛି।

ପୁରୀର ରଥଯାତ୍ରା ନଅଦିନ ହୁଏ। ବଡ଼ ଦେଉଳରୁ ବଳଭଦ୍ର ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନଙ୍କୁ ତିନି ରଥରେ ବସାଇ ଗୁଣ୍ଡିଚା ଘରକୁ ନେଇ ସେଠାରୁ ପୁଣି ଏକସପ୍ତାହ ପରେ ସେହି ରଥରେ ସେମାନଙ୍କୁ ଫେରାଇ ଅଣାଯାଏ।

ଗୁଣ୍ଡିଚାଘର ବା ଗୁଣ୍ଡିଚା ମନ୍ଦିର ବଡ଼ଦେଉଳଠାରୁ ଉତ୍ତରକୁ ପ୍ରାୟ ଦେଢ଼ ମାଇଲ ଦୂରରେ ଅବସ୍ଥିତ। ବଡ଼ଦେଉଳଠାରୁ ବଡ଼ଦାଣ୍ଡ ସିଂହଦ୍ୱାରରୁ ଆରମ୍ଭ ହୋଇ ଗୁଣ୍ଡିଚା ମନ୍ଦିର ଠାରେ ଶେଷ ହୋଇଛି। ଏହି ଗୁଣ୍ଡିଚା ମନ୍ଦିରକୁ ମହାବେଦୀ, ଯଜ୍ଞମଣ୍ଡପ, ଜନ୍ମସ୍ଥାନ ଜନକପୁରୀ, ଗୁଣ୍ଡିଚା ମଣ୍ଡପ ବୋଲି ମଧ୍ୟ କହନ୍ତି। ଇନ୍ଦ୍ରଦ୍ୟୁମ୍ନ ଏହିଠାରେ ବେଦୀ ନିର୍ମାଣ କରି ଅଶ୍ୱମେଧ ଯଜ୍ଞ କରିଥିଲେ ବୋଲି ଏହାର ନାମ ମହାବେଦୀ, ଏହି କାରଣରୁ ଏହାର ଅନ୍ୟ ନାମ ଯଜ୍ଞମଣ୍ଡପ। ଏହି ବେଦୀ ଉପରେ ଇନ୍ଦ୍ରଦ୍ୟୁମ୍ନ ପାଞ୍ଚଶତ ବର୍ଷ ଯାବତ ବିଷ୍ଣୁ ପ୍ରୀତ୍ୟର୍ଥେ ଆହୁତି ପ୍ରଦାନ କରିଥିଲେ। ଠାକୁରମାନଙ୍କର ଏଠାରେ ଜନ୍ମ ହୋଇଥିଲା ବୋଲି ଏହାର ନାମ ଜନ୍ମପୁରୀ, ଜନକପୁର ବା ଜନକପୁରୀ ମଧ୍ୟ। ଇନ୍ଦ୍ରଦ୍ୟୁମ୍ନ ମହାରାଜ ପ୍ରଥମେ ନୃସିଂହଙ୍କୁ ପ୍ରତିଷ୍ଠା କରି ପରେ ଯଜ୍ଞ କରିଥିବାରୁ ଗୁଣ୍ଡିଚାମନ୍ଦିର ଓ ତତ୍‌ନିକଟସ୍ଥ ନୃସିଂହ ମନ୍ଦିର ନୃସିଂହ କ୍ଷେତ୍ର ନାମରେ ମଧ୍ୟ ପରିଚିତ।

ରଥଯାତ୍ରାର ଅନ୍ୟାନ୍ୟ ନାମ ନବଦିନ ଯାତ୍ରା, ମହାବେଦୀ ଯାତ୍ରା, ଦଶାବତାର ଯାତ୍ରା- ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ମନ୍ଦିର ତ୍ୟାଗ, ଗୁଣ୍ଡିଚା ମନ୍ଦିରର ସାତଦିନ ଅବସ୍ଥାନ, ନବମ ଦିନ ମନ୍ଦିରକୁ ବାହୁଡ଼ା- ଏହି ନବଦିନବ୍ୟାପୀ ଯାତ୍ରାକୁ ନବଦିନ ଯାତ୍ରା ମଧ୍ୟ କହନ୍ତି।

ଜଗନ୍ନାଥ ମହାବେଦୀରେ ଏକ ସପ୍ତାହ ଅବସ୍ଥାନ କରିବା ଉଦ୍ଦେଶ୍ୟରେ ଏହି ଯାତ୍ରାର ଆଦେଶ ଦେଇଥିବାରୁ ଏହାକୁ ମହାବେଦୀ ଯାତ୍ରା ମଧ୍ୟ କହନ୍ତି।

ମହାବେଦୀ ବା ଗୁଣ୍ଡିଚା ମନ୍ଦିର ପୀଠ ଉପରେ ଜଗନ୍ନାଥଙ୍କର ଦଶାବତାର ବେଶ ହୁଏ। ଏହାକୁ ଲକ୍ଷ୍ୟ କରି ପୁରାଣକାରମାନେ ଏହି ରଥଯାତ୍ରାକୁ ଦଶାବତାର ଯାତ୍ରା ବୋଲି କହନ୍ତି।



ସ୍କନ୍ଦ ପୁରାଣ ଅନ୍ତର୍ଗତ "ଉତ୍କଳ ଖଣ୍ଡର" ୩୩ଶ ଅଧ୍ୟାୟଠାରୁ ୩୫ଶ ଅଧ୍ୟାୟ ପର୍ଯ୍ୟନ୍ତ ରଥଯାତ୍ରାର ଯେଉଁ ବିବରଣୀ ଦିଆଯାଇଛି ତାର ସାରମର୍ମ ଏହିପରି- ବୈଶାଖ ଶୁକ୍ଳ ତୃତୀୟା ରୋହିଣୀନକ୍ଷତ୍ର ଦିନ ରାଜା ସଂକଳ୍ପ କରିବେ। ଆଚାର୍ଯ୍ୟ ବରଣ କରିବେ। କାର୍ଯ୍ୟଦକ୍ଷ "ଅବିଦିତ" ଜଣେ ବା ତିନି ଜଣ ସୂତ୍ରଧରଙ୍କୁ ବନକୁ ଯିବାପାଇଁ ବସନ, ଭୂଷଣ ଦେଇ ବରଣ କରିବେ। ଯେଉଁ ବନରେ ଅତ୍ୟୁତ୍ତମ ତରୁ ବିଦ୍ୟମାନ ସେଠାକୁ ଯାଇ ରାଜା ମନ୍ତ୍ର ଉଚ୍ଚାରଣ କରି ଅଗ୍ନି ସ୍ଥାପନ କରିବେ। ଆଜ୍ୟଧାରାଯୁକ୍ତ ଅଷ୍ଟୋତ୍ତର ଶତ ଆହୁତି ଦେବେ। ପ୍ରତି ବୃକ୍ଷ ମୂଳରେ ଆଜ୍ୟଧାରା ଦେବେ। ଦିଗପାଳମାନଙ୍କୁ ଯଥାଯଥ ବଳି ଦେବେ। କ୍ଷେତ୍ରପାଳମାନଙ୍କୁ ପଶୁବଳି ଦେବେ। ବୃକ୍ଷର ପ୍ରୀତି ପାଇଁ ଶହେ ଦୁଗ୍ଧାନ୍ନ ଆହୁତି ଦେବେ। ଆଚାର୍ଯ୍ୟ ପତଗଧ୍ୱଜ ଭଗବାନଙ୍କୁ ଧ୍ୟାନ କରି କୁଠାର ଧରି ମନ୍ତ୍ର ଉଚ୍ଚାରଣ କରି ବୃକ୍ଷର ମୂଳକୁ ଅଳ୍ପ ଅଳ୍ପ କରି କାଟିବେ। ସେଠାରେ ମଙ୍ଗଳଧ୍ୱନି କରାଇବେ। ସୂତ୍ରଧରଙ୍କୁ ଗଛକଟା କାର୍ଯ୍ୟରେ ନିଯୁକ୍ତ କରି ଆଚାର୍ଯ୍ୟ ସ୍ୱଗୃହକୁ ଫେରିବେ। ଯଦି ରଥ ନିର୍ମାଣ ଉପଯୁକ୍ତ କାଠ ସ୍ୱଗୃହ ନିକଟରେ ମିଳିବ ତାହାହେଲେ ବିଧାନ ଅନୁସାରେ କାଷ୍ଠସଂସ୍କାର କରିବେ।

ଜଗନ୍ନାଥଙ୍କର ରଥର ଚକ୍ର ସଂଖ୍ୟା ୧୬ (ଷୋଳ), ବେଦୀ ଉପରୁ ରଥର ଉଚ୍ଚତା ୨୩ (ତେଇଶି) ହାତ, ଚାରୋଟି ତୋରଣ ହେବ। ଗରୁଡ଼ଧ୍ୱଜ ରକ୍ତଚନ୍ଦନ କାଠର ହେବ। ବଳଦେବଙ୍କ ରଥର ୧୪ (ଚଉଦ)ଟି ଚକ, ବେଦୀ ଉପରୁ ରଥର ଉଚ୍ଚତା ୨୨ (ବାଇଶି) ହାତ। ସୁଭଦ୍ରାଦେବୀଙ୍କ ରଥର ଚକ ସଂଖ୍ୟା ୧୨ (ବାର), ବେଦୀ ଉପରୁ ଉଚ୍ଚତା ୨୧(ଏକୋଇଶି) ହାତ।

ଶ୍ରୀଜଗନ୍ନାଥଙ୍କ ରଥରେ ରହିଛି ସୁଦୃଢ଼ ଷୋଡ଼ଶ ଚକ୍ର, ଷୋଡ଼ଶ ଅରକାଠ ଓ ଅକ୍ଷ ଏବଂ କୂବର। ଏହା ଚାରିଆଡ଼େ ବିଚିତ୍ର ଭାବେ ଗଠିତ କାଠ କୁଣ୍ଡେଇ କରିବ। ମଝିରେ ଏକ ଉଚ୍ଚ ବେଦୀ କରିବ। ଏହାର ଚାରିଟା ସୁନ୍ଦର ତୋରଣ ଓ ଚାରିଟା ସୁନ୍ଦର ଦୁଆର ହେବ। ନାନା ପ୍ରକାର କାରୁକାର୍ଯ୍ୟରେ ବିଭୂଷିତ କରିବ। ସୁନା ପଟାରେ ମଣ୍ଡିତ। ଉଚ୍ଚରେ ତେଇଶି ହାତ କରିବ। ବହୁତ ପତାକା ଖଞ୍ଜିବ। ରକ୍ତଚନ୍ଦନ କାଠରେ ତିଆରି ଗରୁଡ଼ଧ୍ୱଜ ବସାଇବ। ଏହି ଗରୁଡ଼ଙ୍କ ଦେହ ସ୍ଥୁଳ ଓ ନାସିକା ଦୀର୍ଘ, କାନରେ କୁଣ୍ଡଳ; ସର୍ବାଙ୍ଗ ଅଳଙ୍କାରେ ମଣ୍ଡିବ। ଥଣ୍ଟରେ ଗୋଟିଏ ସାପ ଧରିଥିବ। ପକ୍ଷ ଦୁଇଟା ଏପରି ଭାବରେ ତିଆରି ହୋଇଥିବ ଯେ ଦେଖିଲେ ଭାବିବ, ଯେପରି ଏହା ଉଡୁଛି। ବଳରାମଙ୍କର ଚଉଦ ଚକ ଓ ସୁଭଦ୍ରାଙ୍କର ବାର ଚକରେ ରଥ ହେବ। ବଳରାମଙ୍କର ସପ୍ତଛଦମୟ ଲାଙ୍ଗଳଧ୍ୱଜ ଓ ସୁଭଦ୍ରାଙ୍କର ପଦ୍ମଧ୍ୱଜ କାଠରେ ତିଆରି ହେବ। ଏହି ତିନି ରଥକୁ ଯଥାବିଧି ପ୍ରତିଷ୍ଠା କରିବ। ଆଷାଢ଼ ମାସ ଶୁକ୍ଳପକ୍ଷ ପ୍ରତିପଦା ଦିନ ରଥମାନଙ୍କୁ ପ୍ରତିଷ୍ଠା କରିବ। ମନୁଷ୍ୟ, ପକ୍ଷୀ, ବିରାଡ଼ି, ନେଉଳ କିମ୍ବା ଅନ୍ୟ କୌଣସି ଅଶୁଭ ପ୍ରାଣୀ ଯେପରି ରଥ ଉପରେ ନ ଚଢ଼େ, ସେଥିପ୍ରତି ଦୃଷ୍ଟି ଦେବ। ଠାକୁରଙ୍କ ପହଣ୍ଡି ବିଜେ ବାଟ ପରିଷ୍କାର କରିବ। ଦୁଇପଟ ସୁନ୍ଦର ଭାବରେ ଫୁଲ, ଫଳ, ଗଛ ଓ ଲୁଗାଦ୍ୱାରା ସଜାଇବ। ଜଗନ୍ନାଥ ଦେବଙ୍କ ରଥ ଯିବା ବାଟରେ ପୁଷ୍ପବୃଷ୍ଟି ହେବାପାଇଁ ସ୍ଥାନେ ସ୍ଥାନେ ଫୁଲ ରହିବ। ଗାୟକ ଓ ନର୍ତ୍ତକୀମାନେ ଗୀତ ନୃତ୍ୟ କରିବେ। ବାଦ୍ୟ ବାଜୁଥିବ, ବହୁତ ପତାକା ଉଡୁଥିବ। ସୁନ୍ଦର ସୁନ୍ଦର ଘୋଡ଼ା, ହାତୀ ସୁସଜ୍ଜିତ ହୋଇ ଛିଡ଼ା ହୋଇଥିବେ। ଆଷାଢ଼ ମାସ ଶୁକ୍ଳପକ୍ଷ ପୁଷ୍ୟା ନକ୍ଷତ୍ରଯୁକ୍ତ ଦ୍ୱିତୀୟା ଦିନ ଅରୁଣୋଦୟ ସମୟରେ ଭଗବାନଙ୍କୁ ପ୍ରଥମେ ଅର୍ଚ୍ଚନା କରିବ। ଖେଚଡ଼ି ଭୋଗ କରିବ। ତା'ପରେ ପ୍ରାର୍ଥନା କରିବ। ମହାପ୍ରଭୁଙ୍କୁ ପହଣ୍ଡି ବିଜେ କରାଇବ। ପହଣ୍ଡି ସମୟରେ ଗୀତ, ବାଦ୍ୟ, ପୁଷ୍ପବୃଷ୍ଟି, ନୃତ୍ୟ ପ୍ରଭୃତି ହେବ। ପ୍ରଥମେ ସୁଦର୍ଶନଙ୍କୁ ଆଣିବ। ପରେ ବଳରାମ, ତା'ପରେ ସୁଭଦ୍ରା ଓ ଶେଷରେ ଜଗନ୍ନାଥ ପହଣ୍ଡି ବିଜେ ହେବେ। ଠାକୁରମାନଙ୍କୁ ରଥ ଉପରେ ବସାଇବ। ବ୍ରାହ୍ମଣମାନେ ଶାକୁନ ସୂତ୍ର ପାଠ କରିବେ, ମଙ୍ଗଳଗାଥା ପାଠ, ଜୟୋଚ୍ଚାରଣ, କେହି କେହି 'ଜିତନ୍ତେ' ପ୍ରଭୃତି ମନ୍ତ୍ର ପାଠ କରିବେ। ରଥରେ ବସ୍ତ୍ର ଓ ଅଳଙ୍କାରଦ୍ୱାରା ଠାକୁରମାନଙ୍କୁ ବିଭୂଷିତ କରି ପୂଜା କରିବ। ରଥ ଟଣାହେବା ସମୟରେ ବାଟରେ ସ୍ଥାନେ ସ୍ଥାନେ ପ୍ରଭୁଙ୍କର ବାଟ ଚାଲିବା କ୍ଳେଶ ନିବାରଣ ପାଇଁ ପଞ୍ଚାମୃତ, ଫୁଲ ଓ କର୍ପୂର ମିଶ୍ରିତ ଶୀତଳ ଜଳଦ୍ୱାରା ଦର୍ପଣରେ ଠାକୁରମାନଙ୍କୁ ଅଭିଷେକ କରିବ। ଚନ୍ଦନ ଓ କର୍ପୂର ଦ୍ୱାରା ସର୍ବାଙ୍ଗ ଲାଗି କରିବ। ଚାମର ଓ ବିଞ୍ଚଣା ଦ୍ୱାରା ଠାକୁରମାନଙ୍କୁ ବିଞ୍ଚିବ। ତା'ପରେ ଠାକୁରମାନଙ୍କୁ ଶାକର, ପଣା, ପିଠା, ଖଜୁରୀ, ନଡ଼ିଆ, କଦଳୀ, ତାଳ ଓ ରୁଚିକର ଅନ୍ୟାନ୍ୟ ଫଳ, ଆଖୁ, କ୍ଷୀରରେ ତିଆରି ହୋଇଥିବା ବହୁ ପ୍ରକାର ଖାଦ୍ୟବସ୍ତୁ ସୁବାସିତ ଶୀତଳ ଜଳ, କର୍ପୂର ଲବଙ୍ଗାଦି ପକ୍ୱ ତାମ୍ବୂଳଦ୍ୱାରା ପୂଜା କରିବ। ଉପରବେଳା ରଥ ଟଣା ହେବ। ଠାକୁରମାନେ ଗୁଣ୍ଡିଚାମଣ୍ଡପରେ ରଥ ପହଞ୍ଚିଲେ ସେମାନଙ୍କୁ ଗୁଣ୍ଡିଚା ମଣ୍ଡପରେ ବିଜେ କରାଇବ।





ଇନ୍ଦ୍ରଦ୍ୟୁମ୍ନ ସରୋବର ତଟରେ ଭଗବାନ ସାତଦିନ ରହନ୍ତି। ଠାକୁରମାନେ ଗୁଣ୍ଡିଚା ମଣ୍ଡପରେ ବିଜେ ହେବା ପରେ ପ୍ରତିଦିନ ନିଜ ନିଜ ଧ୍ୱଜସ୍ଥିତ ତିନିମୂର୍ତ୍ତିଙ୍କୁ ନାନାପ୍ରକାର ଉପଚାର ଦ୍ରବ୍ୟ ଓ ନୃତ୍ୟଗୀତାଦି ଦ୍ୱାରା ପୂଜା କରିବ। ପ୍ରତିଦିନ ଭୀଷଣ ଭୂତ ପ୍ରେତାଦି ଓ ଆକସ୍ମିକ ଦୁର୍ଘଟଣା ଦ୍ୱାରା ଯେପରି ରଥର କୌଣସି କ୍ଷତି ନ ହୁଏ, ସେଥିପାଇଁ ଦିଗ୍‌ପାଳମାନଙ୍କୁ ପାୟସାନ୍ନ ଯଥାବିଧି ବଳିଦେବ ଏବଂ ଭୂତ, ପ୍ରେତ ଓ ପିଶାଚମାନଙ୍କୁ ସେମାନଙ୍କର ପ୍ରିୟ ବଳି ଦେବ। ରଥ ଉପରେ ଯେପରି କୌଣସି ଗ୍ରାମ୍ୟ ପଶୁ କିମ୍ବା ଅଶୁଭ ପକ୍ଷୀ ନ ଚଢ଼େ, ତା'ର ବ୍ୟବସ୍ଥା କରିବ। ଠାକୁରମାନେ ରଥ ଉପରେ ଥିବା ସମୟରେ ସଂକ୍ରାନ୍ତି ପଡ଼ିଲେ, ପ୍ରତ୍ୟେକ ରଥର ଚାରିପଟେ ଓଳିଏ ଲେଖାଏଁ ଅନ୍ନ ବଳି ଦିଆଯାଏ। ଏହାକୁ ବଳିଭାତ କୁହାଯାଏ।

ଅଷ୍ଟମଦିନ ତିନି ରଥକୁ ଦକ୍ଷିଣାଭିମୁଖ କରି ବସ୍ତ୍ର ମାଲ୍ୟା ପତାକା ଓ ଚାମର ଦ୍ୱାରା ସୁସଜ୍ଜିତ କରିବ। ଏହାକୁ ହେରାପଞ୍ଚମୀ, ଦକ୍ଷିଣମୂର୍ତ୍ତି ବୋଲି ମଧ୍ୟ କୁହାଯାଏ। ନବମୀ ତିଥିରେ ସକାଳବେଳା ଠାକୁରମାନଙ୍କୁ ରଥରେ ବସାଇବ। ସିଂହଦ୍ୱାରକୁ ରଥ ଟାଣିନେବ।

ଯିବାଦିନ ଓ ଆସିବା ଦିନ ଛାଡ଼ି ଠାକୁରମାନେ ଗୁଣ୍ଡିଚା ମଣ୍ଡପରେ ସାତଦିନ ରହିବେ। ଏହି ଦିନମାନଙ୍କରେ ଠାକୁରମାନେ ଦଶାବତାର ବେଶ ହେବେ।

ଗୁଣ୍ଡିଚା ମନ୍ଦିରରେ ବଡ଼ଦେଉଳର ଯାବତୀୟ ନୀତି ଚଳିବ। ମହାପ୍ରସାଦ ହେବ। ଠାକୁରମାନେ ଦଶାବତାର ବେଶ ହେବେ।

ଏହି ରଥଯାତ୍ରାକୁ "ନବଦିନାତ୍ମିକା ଯାତ୍ରା" କୁହାଯାଏ। ଏହାର ତିନୋଟି ଅଙ୍ଗ। ପ୍ରଥମ ଅଙ୍ଗ-ପୂର୍ବଯାତ୍ରା, ଦ୍ୱିତୀୟ ଅଙ୍ଗ-ଗୁଣ୍ଡିଚା ମଣ୍ଡପରେ ଅବସ୍ଥାନ ବା ଆଡ଼ପ, ତୃତୀୟ ଅଙ୍ଗ- ବାହୁଡ଼ା ଯାତ୍ରା।

ଠାକୁରମାନେ ଗୁଣ୍ଡିଚାମଣ୍ଡପ ଉପରେ ଥିବା ସମୟରେ ବନଜାଗରଣ ବ୍ରତ ପାଳନ କଲେ ମହାପୁଣ୍ୟ ହୁଏ। ଶୁକ୍ଳ ଦ୍ୱିତୀୟା ଦିନ ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ ସାରି ନୃସିଂହଙ୍କଠାରେ ସଂକଳ୍ପ ବ୍ରତ ଆରମ୍ଭ କରିବାକୁ ହେବ। ଏହାକୁ ମହାବେଦୀ ମହୋତ୍ସବ ବ୍ରତ ମଧ୍ୟ କୁହାଯାଏ। ଅଷ୍ଟମ ଦିବସରେ ଶେଷ ହୁଏ।

ମହାବେଦୀରେ ଜଗନ୍ନାଥଙ୍କ ଅବସ୍ଥିତିକୁ ମହାବେଦୀ ଯୋଗ କୁହାଯାଏ। ଏହା ଅତି ପବିତ୍ର ସମୟ। ମଘାନକ୍ଷତ୍ରଯୁକ୍ତ ଶୁକ୍ଳ ପଞ୍ଚମୀ ଦିନ ଶ୍ରାଦ୍ଧ କଲେ ପିତୃମାନେ ପରମ ସନ୍ତୋଷ ଲାଭ କରନ୍ତି। ଆଷାଢ଼ ଶୁକ୍ଳ ପଞ୍ଚମୀ ତିଥି, ମଘାନକ୍ଷତ୍ର, ଜଗନ୍ନାଥଙ୍କ ମହାବେଦୀ ସମାଗମ- ଏ ତିନି ମହାବେଦୀ ଯୋଗର ତ୍ରିପାଦସ୍ୱରୂପ। ଏହା ସହିତ ଇନ୍ଦ୍ରଦ୍ୟୁମ୍ନ ସରୋବର ମିଳିତ ହେଲେ ଚତୁଷ୍ପାଦ ଯୋଗ ହୁଏ। ଏହି ପୂର୍ଣ୍ଣଯୋଗ ଏବଂ ପିତୃମାନଙ୍କର ମୁକ୍ତିପଦ। ଓଡ଼ିଶାର ବିଭିନ୍ନ ସ୍ଥାନରେ ପୁରୀ ଅନୁକରଣରେ ଜଗନ୍ନାଥଙ୍କ ରଥଯାତ୍ରା ହୁଏ। ତା'ଛଡ଼ା ବିଭିନ୍ନ ଦେବଦେବୀମାନଙ୍କର ରଥଯାତ୍ରା ମଧ୍ୟ ହୁଏ। ରଥଯାତ୍ରାର ସମୟ ଉତ୍କଳଖଣ୍ଡରେ ଏପରି ଦିଆଯାଇଛି।

ବାହୁଡ଼ା ଗୁଣ୍ଡିଚା ସମୟରେ ଏକାଦଶୀଦିନ ମହାପ୍ରଭୁଙ୍କୁ ରଥ ଉପରେ ଶ୍ରୀଅଧରକୁ ପାଇବା ପର୍ଯ୍ୟନ୍ତ, ଉଚ୍ଚଥିବା ତୁମ୍ଭଭଳିଆ ତିନୋଟି ମାଟିହାଣ୍ଡିରେ ପୂଜାପଣ୍ଡାମାନେ ପଣା ରଖନ୍ତି, ପଞ୍ଚୋପଚାରରେ ପୂଜା କରନ୍ତି ଓ ପଣା ଭୋଗ କରନ୍ତି। ଏହାକୁ ଅଧର ପଣା କୁହାଯାଏ।



## ଡାଏରୀ ପ୍ରେମରେ ଓଡ଼ିଶା ସିନେ ପ୍ରେମୀ

ଭୁବନେଶ୍ୱର: ଅଭିନେତା ଅର୍ଦ୍ଧେନ୍ଦୁଙ୍କ ଓଡ଼ିଆ ସିନେମା 'ଡାଏରୀ' ସିନେ ରଜରେ ରିଲିଜ୍ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦର୍ଶକଙ୍କ ଲୋକ ପ୍ରିୟତା ସାଉଁଟି ଚାଲିଛି। ସିନେମାରେ ଦୁଇଟି କାହାଣୀ ଓ ଦୁଇଟି ନାୟକାଙ୍କ ଅଭିୟନ ବେଶ୍ ପ୍ରଭାବଶାଳୀ ଦେଖିବାକୁ ମିଳିଥିଲା। ଡାଏରୀ ଖୋଲା ହେବା ସହ ବିବାହରୁ କାହାଣୀ ଆରମ୍ଭ ହୋଇଥିବା ବେଳେ ଡାଏରୀ ପାଣିରେ ଭଷା ହୋଇଥିଲା। ସେହିପରି ୭୦ ଜଣ ଅନାଥ ପିଲାଙ୍କୁ ଡାଏରୀ ସିନେମା ଦେଖାଇ ଥିଲେ ତାଙ୍କ ସ୍ତ୍ରୀ ପଲ୍ଲବୀ ମହାରଥୀ। ଓଡ଼ିଶା ବହୁ ସିନେମା ହଲ୍ ମଧ ଭିଡ଼ ଦେଖିବାକୁ ମଳିଛି।




## ମନୋରଞ୍ଜନ ସମ୍ବାଦ

## ନିଶାରେ ସମିରଞ୍ଜନ



ଓଡ଼ିଶାର ଜଟଣୀ ଗ୍ରାମରେ ଜନ୍ମ ଗ୍ରହଣ କରଥିବା ସମିରଞ୍ଜନ ସିନେମା ଓ ମନୋରଞ୍ଜନ ଭଳି ସାମ୍ବାଦିକ ବୃତ୍ତିକୁ ଆପଣେଇ ବେଶ୍ ଲୋକ ପ୍ରିୟ ହାସଲ କରିଛନ୍ତି। ପିଲାଟି ଦିନରୁ ସାମ୍ବାଦିକା କ୍ଷେତ୍ରରେ ନିଜର କ୍ୟାରିୟର୍ ଗଢ଼ିବାକୁ ବାହାରି ଥିବା ସମିରରଞ୍ଜନ ସମୟ କ୍ରମରେ ସିନେ ସାମ୍ବାଦିକ ଭାବେ ନିଜକୁ ଗଢ଼ି ତୋଳିବାରେ ପଛାଇ ନାହାଁନ୍ତି। ସେ ଜନ୍ମ ୨୪ ଡିସେମ୍ବର ୧୯୯୦ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାପା ଓ ମା' ଉଭୟେ ଶିକ୍ଷକ ଭାବେ କାର୍ଯ୍ୟରତ ରହିଛନ୍ତି। ବାପା ମାଙ୍କ ଶିକ୍ଷା ଓ ସଂସ୍କାର ସମିରରଞ୍ଜନଙ୍କ ଠାର ବେଶ୍ ବାରି ହୋଇପଡୁଛି। ତାଙ୍କର ନିଭୂଲ ଲିଖଲ ଶୈଳି ଓ ଆଳାପ ବେଶ୍ ପାଠାକାଦୃତ ସାଉଁଟିବାରେ ପଛାଉ ନାହାଁନ୍ତି ସମିର ରଞ୍ଜନ।

ପରିବାରରୁ ମିଳିଥିବା ମୂଲ୍ୟବୋଧ ଓ ଶୃଙ୍ଖଳାକୁ ସାଥୀ କରି ସେ ସାମ୍ବାଦିକତା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସେ ଗଢ଼ିଛନ୍ତି। ବିଶେଷକରି ଫିଲ୍ମ ଜଗତର ଖବର, ସେଲିବ୍ରିଟି ସାକ୍ଷାତକାର, ଚଳଚ୍ଚିତ୍ର ସମୀକ୍ଷା ଏବଂ ମନୋରଞ୍ଜନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସେ ନିରନ୍ତର କାର୍ଯ୍ୟ କରୁଛନ୍ତି ସମୀର। ନିଜର ପରିଶ୍ରମ, ନିଷ୍ଠା ବଳରେ ସେ ଫିଲ୍ମ ସାମ୍ବାଦିକତା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ଆମର ଆଶା ଓ ବିଶ୍ୱାସ ସମିରଣଞ୍ଜନ ଦିନେ ନା ଦିନେ ସେ ସିନ୍ନେ ସାମ୍ବାଦିକତା କ୍ଷେତ୍ରରେ ସେ ବେଶ ସ୍ୱନାମ ଅର୍ଜନ କରିବେ।

## ଭାରତୀୟ ବାଳିକା ହକି ଶିବିରରେ ୪ ଓଡ଼ିଶା



ଭୁବନେଶ୍ୱର: ଓମାନରେ ହେବାକୁ ଥିବା ବାଳିକା ୫ଏସ୍‌ହକି ଏସୀୟ ପ୍ରତିଯୋଗିତାକୁ ନଜରରେ ରଖି ଭୋପାଳସ୍ଥିତ ମଧ୍ୟପ୍ରଦେଶ ରାଜ୍ୟ ସୁଟିଂ ଏକାଡେମୀଠାରେ ଚଳିତ ମାସ ୪ରୁ ଆରମ୍ଭ ହୋଇଛି ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର। ୧୮ ତାରିଖ ପର୍ଯ୍ୟନ୍ତ ଭାରତ ପୂର୍ବତନ ଅଧିନାୟିକା ରାଣୀଙ୍କ ତତ୍ତ୍ୱାବଧାନରେ ୧୫ ଜଣ ଖେଳାଳିଙ୍କୁ ନେଇ ଏହି ଶିବିର ଚାଲିବ। ଏହି ୧୫ ଜଣିଆ ଦଳରେ ଓଡ଼ିଶାରୁ ୪ ଜଣ ରହିଛନ୍ତି। ସେମାନେ ହେଲେ ରୁବିନା ବକ୍ସଲା, କିରଣ ଏକ୍କା, ସ୍ୱିଟି କୁଜୁର ଓ ପ୍ରିୟଙ୍କା ମିଞ୍ଜ। ଏହି ୪ ଜଣ ୧୮ ବର୍ଷରୁ କମ୍ ଏସୀୟ କପ୍ କାଂସ୍ୟବିଜେତା ଭାରତୀୟ ଦଳର ସଦସ୍ୟ ରହିଥିଲେ।

ବାଳିକା ଦଳ: ରଶ୍ମିନ କୌର, ରୁବିନା ବକ୍ସଲା, ନାନ୍‌ସି ସରୋହା, ପୁଷ୍ପା ମାଝିଁ, ଖଲି କୁମାରୀ କିରଣ ଏକ୍କା, ସ୍ୱିଟି କୁଜୁର, ସ୍ନେହା ଦାବ୍‌ଡ଼େ, ନୌସିନ୍ ନାଜ, ଶ୍ରୁତି କୁମାରୀ, ନିଲମ ଟପ୍ପୋ, ପ୍ରିୟଙ୍କା ମିଞ୍ଜ, ଦିୟା, ସନ୍ଦୀପା କୁମାରୀ, ମହକ ପରିହାର।

## ଅଷ୍ଟ୍ରେଲିଆ ଜିତିଲା

## ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍

ଲର୍ଡ୍ସ,: ଅଷ୍ଟ୍ରେଲିଆ ସପ୍ତମ ଥର ପାଇଁ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତି ନେଇଛି। ରବିବାରର ଏକତରଫା ଫାଇନାଲ୍‌ରେ ଇଂଲଣ୍ଡକୁ ୭ ୱିକେଟ୍‌ରେ ପରାସ୍ତ କରି କଙ୍ଗାରୁ ବାହିନୀ ପୁଣି ଥରେ ବିଶ୍ୱ ବିଜେତା ହେବାର ଗୌରବ ଅର୍ଜନ କରିଛି। ଇଂଲଣ୍ଡ ମାତ୍ର ୧୫୧ ରନ୍‌ର ଲକ୍ଷ୍ୟ ଦେଇଥିଲା। ଯାହାକୁ ଅଷ୍ଟ୍ରେଲିଆ ୧୭.୧ ଓଭରରେ କେବଳ ୩ ୱିକେଟ୍ ହରାଇ ହାସଲ କରି ନେଇଥିଲା। ଓପନର୍ ଜର୍ଜିଆ ଭୋଲି ମାତ୍ର ୯ ରନ୍‌ରେ ଆଉଟ୍ ହୋଇଥିଲେ। ତେବେ ଅଭିଜ୍ଞ ବ୍ୟାର୍ର୍ ତଥା ୱିକେଟ୍ ରକ୍ଷକ ବେଥ୍ ମୁନି ଓ ଫୋବେ ଲିଚଫିଲ୍‌ଡ ଦ୍ୱିତୀୟ ୱିକେଟ୍‌ରେ ୧୦୦ ରନ୍‌ର ଭାଗୀଦାର କରି ଇଂଲଣ୍ଡ ହାତରୁ ମ୍ୟାଚ୍ ଓ ବିଶ୍ୱକପ୍ ଛଡ଼ାଇ ନେଇଥିଲେ। ମୁନି ଫାଇନାଲ୍ ସହ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବରୁ ଅଧିନାୟିକା ନାଟ୍ ଶ୍ଚିଭର-ବ୍ରଣ୍ଟଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୫୦ ରନ୍ କରିଥିଲା। ଅଷ୍ଟ୍ରେଲିଆ ଟସ୍ ଜିତି ଇଂଲଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଦ୍ୱିତୀୟ ଓଭରର ଦ୍ୱିତୀୟ ବଲ୍‌ରେ ଆମି ଜୋନ୍ସ (୬)ଙ୍କୁ ଲୁସି ହାମିଲଟନ୍ ଆଉଟ୍ କରି ଅଷ୍ଟ୍ରେଲିଆକୁ ପ୍ରାରମ୍ଭିକ ସଫଳତା ଦେଇଥିଲେ। ଡାନି ୱ୍ୱେଟ୍-ହଜ୍ (୮) ମଧ ବିଫଳ ହେବାରୁ ଘରୋଇ ଦଳ ୪.୫ ଓଭରରେ ୩୨/୨ରେ ସଂଘର୍ଷ କରିଥିଲା। ତେବେ ବ୍ରଣ୍ଟ ଓ ଏଲିସ୍ କ୍ୟାପ୍ସି (୨୩) ତୃତୀୟ ୱିକେଟ୍‌ରେ ୩୫ ରନ୍ ଯୋଡ଼ି ପାଳି ସମ୍ଭାଳି ନେଇଥିଲେ। କ୍ୟାପ୍ସିଙ୍କ ପରେ ପରେ ହିଦର ନାଇଟ୍ (୨) ସଅଳ ପ୍ୟାଭିଲିୟନ୍ ଫେରିଥିଲେ। ଶେଷରେ ବ୍ରଣ୍ଟ୍ (୫୮ରନ, ୫୩ ବଲ୍, ୫ ଚୌକା) ଏବଂ ଫ୍ରେୟା କେମ୍ପ (୪୪ରନ୍, ୨୮ ବଲ୍, ୪ ଚୌକା, ୧ ଛକା) ପଞ୍ଚମ ୱିକେଟ୍‌ରେ ଅବିଭାଜିତ ୮୦ ରନ୍‌ର ଭାଗୀଦାର ଗଢ଼ି ଇଂଲଣ୍ଡ ସ୍କୋରକୁ ଦେଢ଼ ଶହ ରନ୍ ପାର କରାଇଥିଲେ।

## ପ୍ରଶାସନିକ ସେବାରେ ଉତ୍ସର୍ଗୀକୃତ ପ୍ରତିକ

ଭୁବନେଶ୍ୱର: ଆଇନ-ଶୃଙ୍ଖଳା ବଜାୟ ରଖିବା, ଅପରାଧ ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ସହ ସମନ୍ୱୟ ରଖି କାମ କରିବା ପାଇଁ ପ୍ରତିକ୍ ସିଂ ବେଶ୍ ପରିଚିତ। ବିଭିନ୍ନ ଜିଲ୍ଲାରେ ତାଙ୍କ ପୋଷ୍ଟିଂ ସମୟରେ ଅନେକ ସମ୍ବେଦନଶୀଳ ଆଇନ-ଶୃଙ୍ଖଳା ପରିସ୍ଥିତିର ପରିଚାଳନା କରିବାରେ ବେଶ୍ ଦକ୍ଷତା ରାଜ୍ୟଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି। ପ୍ରତୀକ ସିଂହ ଓଡ଼ିଶା କ୍ୟାଡରର ୨୦୧୪ ବ୍ୟାଚ୍‌ର ଜଣେ ଭାରତୀୟ ପୋଲିସ ସେବା ଆଇପିଏସ୍ ଅଧିକାରୀ। ବର୍ତ୍ତମାନ ସେ ପୁରୀ ଜିଲ୍ଲାର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ୍ (ଏସ୍‌ପି) ପୁରୀରେ କାର୍ଯ୍ୟରତ ଅଛନ୍ତି।



ସେ ୧୮ ଅଗଷ୍ଟ ୧୯୮୮ ମହସିରେ ହରିୟାଣା, ଫରିଦାବାଦରେ ଜନ୍ମ ଗ୍ରହଣ କରିଥିଲୋ ସେ ପୂର୍ବରୁ ଭୁବନେଶ୍ୱରରେ ଡିସିପି ଭାବେ କାମ କରିଥିଲେ ଓ ପରେ କଟକ (ଗ୍ରାମାଞ୍ଚଳ)ର ଏସ୍‌ପି ଥିଲେ। ସେ ଭୁବନେଶ୍ୱର ଡିସିପି ଥିବା ସମୟରେ ଅପରାଧୀ ଓ ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ଧରପଗଡ଼ ଅଭିଯାନ ଆରମ୍ଭ କରିଥିଲେ। ଲୁଟ, ଛିନତାଇ ଓ ଗାଡ଼ି ଚୋରି ମାମଲାର ଶୀଘ୍ର ତଦନ୍ତ ଓ ଅଭିଯୁକ୍ତ ଗିରଫ କରି ଆଇନ୍ ସୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ମଧ କରିଛନ୍ତି। ସେହିପରି ପର୍ବପର୍ବାଣୀ ଯଥା- ଦୁର୍ଗା ପୂଜା, ଗଣେଶ ପୂଜା ଇତ୍ୟାଦି ସମୟରେ ସୁରକ୍ଷା ବ୍ୟବସ୍ଥାକୁ ସଠିକ୍ ଭାବେ ନିୟନ୍ତ୍ରଣ କରିଛନ୍ତି। ବହୁବାର ସେ ଓଡିଶା ସରକାରଙ୍କ ଠାରୁ ପୁରସ୍କାର ଓ ସମ୍ମାନୀତ ହୋଇଛନ୍ତ।

ପୁରୀରେ ଶ୍ରୀ ଜଗନ୍ନାଥ ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଓ ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପରିଚାଳନା ପୂର୍ବରୁ ମଧ କରିଛନ୍ତି। ସେହିପରି ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ ସମୁଦ୍ରକୂଳରେ ପୋଲିସ ପାଟ୍ରୋଲିଂ ବଢ଼ାଇବା ସହିତ ଚଳିତ ବର୍ଷ ରଥଯାତ୍ରାକୁ ସଠିକ୍ ମାର୍ଗରେ ଚଳାଇବା ପାଇଁ ଶ୍ରୀ ସିଂ ପ୍ରୟାୟ ଜାରି ରଖିଛନ୍ତି।




## ରୋନାଲଡୋଙ୍କ

## ଅଲୋଡ଼ା ରେକର୍ଡ



ନୂଆଦିଲ୍ଲୀ: ବିଶ୍ୱର ତାରକା ଫୁଟ୍‌ବଲର୍ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ବିଶ୍ୱକପ୍ ଅଭିଯାନ ହୃଦୟବିଦାରକ ଭାବେ ଶେଷ ହୋଇଛି। ସୋମବାର ତାଙ୍କ ଦଳ ପର୍ତ୍ତୁଗାଲ ରାଉଣ୍ଡ-୩୨ରେ ସ୍ପେନ୍‌ଠୁ ହାରି ବିଦାୟ ନେଇଥିଲା। ପର୍ତ୍ତୁଗାଲ୍‌ର ଏହି ପରାଜୟ ମ୍ୟାଚ୍‌ରେ ରୋନାଲ୍‌ଡୋ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଥିଲେ।

ବିଶ୍ୱ ଫୁଟ୍‌ବଲ୍‌ରେ ଅନେକ ରେକର୍ଡର ଅଧିକାରୀ ହୋଇଥିବା ରୋନାଲ୍‌ଡୋ ୬ଟି ବିଶ୍ୱକପ୍‌ରେ ୧୦ ନକ୍‌ଆଉଟ୍ ମ୍ୟାଚ୍ ଖେଳିଥିଲା ବେଳେ କେବଳ ଗୋଟିଏ ଗୋଲ୍ କରିବାକୁ ସକ୍ଷମ ହୋଇଛନ୍ତି। ନକ୍‌ଆଉଟ୍ ମ୍ୟାଚ୍‌ରେ ୭୪୧ ମିନିଟ୍ ପଡ଼ିଆରେ ଥିଲା ବେଳେ କେବଳ ଗୋଟିଏ ପେନାଲ୍‌ଟି ଗୋଲ୍ କରିବାକୁ ସକ୍ଷମ ହୋଇଥିଲା ବେଳେ ଗୋଟିଏ ଗୋଲ୍‌ରେ ବି ସହଯୋଗ କରି ନାହାନ୍ତି।

ଏହି ୪୧ ବର୍ଷୀୟଙ୍କ ଏକମାତ୍ର ନକ୍‌ଆଉଟ୍ ଗୋଲ୍ ଚଳିତ ପ୍ରତିଯୋଗିତାର କ୍ରୋଏସିଆ ବିପକ୍ଷ ରାଉଣ୍ଡ-୩୨ରେ ଆସିଥିଲା। ଏଥିସହ ସେ ଶେଷରେ ବିଶ୍ୱକପ୍ ନକ୍‌ଆଉଟ୍‌ରେ ଦୁଇ ଦଶନ୍ଧି ଧରି ଚାଲିଥିବା ଗୋଲ୍ ମରୁଡ଼ିର ଅନ୍ତ ଘଟାଇଥିଲେ। ସ୍ପେନ୍ ବିପକ୍ଷ ମ୍ୟାଚ୍ ପରେ ୫ ଥରର ବାଲନ ଡି'ଓର୍ ବିଜେତା ଆଉ ବିଶ୍ୱକପ୍ ଖେଳିବେନି ବୋଲି ଘୋଷଣା କରିଥିଲେ।

ସେ କହିଥିଲେ, ମୁଁ ଠିକ୍ ଅଛି, ଏହିପରି ବିଶ୍ୱକପ୍ ଛାଡ଼ିବା ଦୁଃଖର ବିଷୟ। କିନ୍ତୁ ମୁଁ ମୋର ଶ୍ରେଷ୍ଠ ଦେଇଛି। ଏବେ ବିଶ୍ୱକପ୍‌ରୁ ବିଦାୟ ନେଉଛି। ଏହା ଜଣେ ଫୁଟବଲ୍ ଖେଳାଳିଙ୍କ ଜୀବନ। କେତେବେଳେ ଆମେ ଜିତିଥାଉ ତ କେତେବେଳେ ହାରିଯାଉ। ଆମକୁ ଆଗକୁ ବଢ଼ିବାକୁ ପଡ଼ିବ। ସତ ହେଉଛି ଏହା ମୋର ଶେଷ ବିଶ୍ୱକପ୍ ଥିଲା। ଏବେ ମୁଁ ମୋ ପରିବାରକୁ ସମୟ ଦେଇପାରିବି'।

### ୧୦ ବିଶ୍ୱକପ୍ ନକ୍‌ଆଉଟ୍ ମ୍ୟାଚ୍‌ରେ ମାତ୍ର ଗୋଟିଏ ଗୋଲ୍

ଆର୍ଜେଣ୍ଟିନାର ଲିଓନେଲ ମେସି (୩୦)ଙ୍କ ପରେ ରୋନାଲ୍‌ଡୋ (୨୭) ବିଶ୍ୱକପରେ ସର୍ବାଧିକ ମ୍ୟାଚ୍ ଖେଳିଛନ୍ତି। ସେ ୧୧ ଗୋଲ୍ କରିବା ସହ ପ୍ରଥମ ଖେଳାଳି ଭାବେ ୬ ଫିଫା ବିଶ୍ୱକପ୍ ଖେଳିଥିଲେ। ଚଳିତ ବିଶ୍ୱକପ୍‌ରେ ସେ ୩ ଗୋଲ୍ କରିଥିଲେ। ବିଶ୍ୱକପ୍ ଟ୍ରଫି ଧରିବାର ସୌଭାଗ୍ୟ ପାଇ ନଥିବା ରୋନାଲ୍‌ଡୋ ୨୦୦୬ ବିଶ୍ୱକପ୍ ପଦାର୍ପଣରେ ପର୍ତ୍ତୁଗାଲ୍‌କୁ ସେମିଫାଇନାଲ୍‌ରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।

Excutive Editor: MANMOHAN RAM
Editor : MUKESH RAM

Publish & Owned by MUKESH RAM, Block B-6, Hi-Tech Plaza,Apartment, Sundarpada, Po-Kuha, Khordha, Odisha -751002
Printed at- CHANDAN PRINTERS, Plot No-3, Gopabandhu Chhaka, Unit-8, Bhubaneswar, Khordha, Odisha- 541003

ସହ-ସମ୍ପାଦକ: ମନମୋହନ ରାମ
ସମ୍ପାଦକ : ମୁକେଶ ରାମ